

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





## ସେଶେଲ୍ସର ସର୍ବୋଚ୍ଚ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ



ଭିକ୍ଟୋରିଆ,୨୮/୬: ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେଶେଲ୍ସର ସର୍ବୋଚ୍ଚ ରାଷ୍ଟ୍ରପତି ସମ୍ମାନ ''ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍'' ପ୍ରଦାନ କରାଯାଇଛି । ଦ୍ୱିପରାଷ୍ଟ୍ର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଗ୍ରହଣ କରିବା ସହ ଏହାକୁ ଜଳବାୟୁ ପରିବର୍ତ୍ତନର ବଢୁଥିବା ଆହ୍ୱାନର ସାମ୍ନା କରୁଥିବା ଏବଂ ପରିବେଶ ସୁରକ୍ଷାକୁ ନିଜର ଦାୟିତ୍ୱ ମନେ କରୁଥିବା ସମସ୍ତ ଦେଶ ପ୍ରତି ଉତ୍ସର୍ଗ କରିଛନ୍ତି । ସୋସିଆଲ ମିଡିଆ ଆକାଉଣ୍ଟ '"ଏକ୍ସ'' ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସେଶେଲ୍ସର ଜନସାଧାରଣ, ସରକାର ଓ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କୁ ଏହି ସମ୍ମାନ ପାଇଁ କୃତଜ୍ଞତା ଜଣାଇଛନ୍ତି । ବିଶ୍ୱକୁ ଅଧିକ ସବୁଜ ସୁନ୍ଦର କରିବା ପାଇଁ ଭାରତର ''ଲାଇଫ୍ ମିଶନ'', ଆନ୍ତର୍ଜାତୀୟ ସୌର ମେଣ୍ଟ ଭଳି ବିଶ୍ୱସ୍ତରୀୟ ପ୍ରୟାସ ଏହି ଦିଗରେ କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି । ତେବେ ନିଜର ଏହି ତିନିଦିନିଆ ଗସ୍ତର ପ୍ରଥମ ଦିନରେ ରବିବାର ପ୍ରଧାନମନ୍ତ୍ରୀ ମୋଦୀ ସେଶେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଷ୍ଟେଟ୍ ହାଉସଠାରେ ଏକ ବ୍ୟାପକ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଏଥିରେ ଦୁଇ ଦେଶ ମଧ୍ୟରେ ଥିବା ରଣନୀତିକ ସମ୍ପର୍କ, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗ ଏବଂ ସାମୁଦ୍ରିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଭାରତର ''ମହାସାଗର'' ଭିଜନ ଅଧୀନରେ ସେଶେଲ୍ସ ଭାରତର ଏକ ପ୍ରମୁଖ ସାମୁଦ୍ରିକ ସହଯୋଗୀ ଅଟେ । ଆସନ୍ତା ସୋମବାର ପ୍ରଧାନମନ୍ତ୍ରୀ ସେଶେଲ୍ସର ସୁବର୍ଣ୍ଣ ଜୟନ୍ତୀ ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଏବଂ ସେଠାକାର ଜାତୀୟ ସଭାକୁ ସମ୍ବୋଧିତ କରିବା ସହ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ମତ ବିନିମୟ କରିବେ ।

## ମନ୍ କି ବାତ୍‌ରେ କୃତଜ୍ଞତା ଜଣାଇଲେ ପ୍ରଧାନମନ୍ତ୍ରୀ

### 'ସୁନା, ପେଟ୍ରୋଲ ଓ ଡିଜେଲ ସଂରକ୍ଷଣ କରିଛନ୍ତି ଦେଶବାସୀ'



ନୂଆଦିଲ୍ଲୀ,୨୮/୬: ରବିବାର ଦିନ 'ମନ କି ବାତ'ର ୧୩୫ତମ ଏପିସୋଡ୍ରେ ପ୍ରଧାନମନ୍ତ୍ରୀ ମୋଦୀ ସୁନା କିଣିବା ବନ୍ଦ କରିବା ଏବଂ ପେଟ୍ରୋଲ ଓ ଡିଜେଲ ସଂରକ୍ଷଣ କରିବା ପାଇଁ ପୂର୍ବରୁ କରିଥିବେ ଅପିଲର ପ୍ରଭାବ ଦେଶ ଉପରେ କେତେ ପଡ଼ିଛି, ସେ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ, 'ମୋର ଆହ୍ୱାନକୁ ସମର୍ଥନ କରିବା ସହିତ ସକ୍ରିୟ ଭାବରେ ସହଯୋଗ କରିଥିବା ମୋର ପ୍ରତ୍ୟେକ ନାଗରିକଙ୍କ ପ୍ରତି ମୁଁ କୃତଜ୍ଞ । ଅନେକ ପରିବାର ମୋ ସହିତ ସେମାନଙ୍କର ଅଭିଜ୍ଞତା ବାଣ୍ଟିଛନ୍ତି; ଅନେକ ସେମାନଙ୍କ ପରିବାରରେ ବିବାହ ପାଇଁ ସୁନା ନ କିଣିବାକୁ ନିଷ୍ପତି ନେଇଛନ୍ତି, ଆବଶ୍ୟକତା ପଡ଼ିଲେ ପୂର୍ବରୁ ଥିବା ସୁନାକୁ ପୁନଃବ୍ୟବହାର କରିବାକୁ ନିଷ୍ପତି ନେଇଛନ୍ତି । ଅନେକ ଲୋକ କାର୍ ପୁଲିଂ ଅଭିଜ୍ଞତା ମଧ୍ୟ ବାଣ୍ଟିଂଛନ୍ତି । ବିଭିନ୍ନ ଯାନବାହାନ ବ୍ୟବହାର କରି ସମାନ ଦିଗରେ ଯାତ୍ରା କରୁଥିବା ବ୍ୟକ୍ତିମାନେ ଏବେ ଏକାଠି ଯାତାୟାତ କରୁଛନ୍ତି । ମୁଁ ଖୁସି ଯେ ଆମେ ଭାରତୀୟମାନେ ଏକତ୍ରିତ ଭାବରେ ଏହି ସଙ୍କଟର ମୁକାବିଲା କରିଛେ ।' ସ୍ମରଣଥାଉକି, ଇରାନ-ଆମେରିକା-ଇସ୍ରାଏଲ ବିବାଦରୁ ସୃଷ୍ଟି ହୋଇଥିବା ବିଶ୍ୱ ସଙ୍କଟ ମଧ୍ୟରେ, ପ୍ରଧାନମନ୍ତ୍ରୀ ମୋଦୀ ସମ୍ପ୍ରତି ଜନସାଧାରଣଙ୍କୁ ପେଟ୍ରୋଲ ଏବଂ ଡିଜେଲ ସଂରକ୍ଷଣ କରିବାକୁ, ଗୋଟିଏ ବର୍ଷ ପାଇଁ ସୁନା କିଣିବା ବନ୍ଦ କରିବାକୁ ଏବଂ କାରପୁଲିଂ ଅଭ୍ୟାସ କରିବାକୁ ନିବେଦନ କରିଥିଲେ ।

## କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା : ବିଜେଡି

### ରାଜ୍ୟରେ ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ

ଭୁବନେଶ୍ୱର,୨୮/୬(ନି/ପ୍ର): ଓଡିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୀର୍ଘ ୨ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ନାରୀ ଅସୁରକ୍ଷିତ, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି ବିଜେଡି ଅଭିଯୋଗ କରିଛି । ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍କେ.ନିଜାମୁଦ୍ଦିନ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ବିଜେପି ସରକାରଙ୍କ ଶାସନରେ ରାଜ୍ୟରେ ହତ୍ୟା, ଗୁଳିକାଣ୍ଡ ଓ ସଂଗଠିତ ଅପରାଧ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି । ବାରମ୍ବାର ଘଟୁଥିବା ଏଭଳି ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି । ଶ୍ରୀ ବେହେରା କହିଥିଲେ, ସହଦେବଖୁଣ୍ଟ ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରାଯାଇଛି । ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ । ପୁରୀରେ ଏଭଳି ଘଟଣା କେବଳ ଜନସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ପର୍ଯ୍ୟଟକ ଓ ସମ୍ଭାବ୍ୟ ନିବେଶକଙ୍କ ନିକଟରେ ଓଡ଼ିଶାର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି । ଅନ୍ୟପଟେ କଟକ ଜିଲ୍ଲାରେ ସନ୍ତରାବାଲି ସରପଂଚ ମୀତା ଜେନାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାଙ୍କ ଉପରେ ସର୍ବସମ୍ମୁଖରେ ହୋଇଥିଲା ଗୁଳିମାଡ଼ । କେବଳ ଏତିକି ନୁହେଁ ତାଙ୍କ ପୁଅଙ୍କ ସହ ଏକ ସେଲୁନରେ ଥିବା ବେଳେ ଅଜଣା ଦୁର୍ବୃତମାନେ ଗୁଳି ଚଳାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଏ ସମସ୍ତ ଘଟଣା ସ୍ପଷ୍ଟ ହେଉଛି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୋଲିସ ବିଭାଗ କୋମାକୁ ଚାଲିଯାଇଛି । ମାଣିଆବନ୍ଧ ଏକ ଶାନ୍ତିପୂର୍ଣ୍ଣ ଅଂଚଳ ଭାବେ ପରିଚିତ ଥିଲା ଏବଂ ପୂର୍ବରୁ ଏପରି ଅପରାଧିକ ଘଟଣା କେବେ ଘଟିନଥିଲା । ଶାଢ଼ୀ ପାଇଁ ସାରା ଦେଶରେ ପ୍ରସିଦ୍ଧ ଏହି ଅଂଚଳ ଆଜି ଏହି ଘଟଣା ପରେ ଉତେଜନାପୂର୍ଣ୍ଣ ପରିସ୍ଥିତିରେ ପହଂଚିଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି ।

## ବିଶ୍ୱ କ୍ୟାଡେଟ୍ ଚେସ୍ :ସାତ୍ୱିକଙ୍କୁ କାଂସ୍ୟ

କଟକ,୨୮/୬(ନି/ପ୍ର) : ଜର୍ଜିଆର ବାତୁମିରେ ଅନୁଷ୍ଠିତ ବିଶ୍ୱ କ୍ୟାଡେଟ୍ ଚେସ୍ ଚମ୍ପିଆନସିପରେ ଚମକିଛନ୍ତି ଭାରତୀୟ ଖେଳାଳି । ଭାରତୀୟ ଖେଳାଳିମାନେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି କାଂସ୍ୟ ସହ ୪ଟି ପଦକ ଜିତିଛନ୍ତି । ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଆ ଖେଳାଳି ସାତ୍ୱିକ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି । ସାତ୍ୱିକ ୧୦ ବର୍ଷରୁ କମ୍ ଓପନ ବର୍ଗରେ କାଂସ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦିଭି ବ୍ରିଜେଶ ସ୍ୱର୍ଣ୍ଣ, ୧୦ ବର୍ଷରୁ କମ୍ ଓପନ ବର୍ଗରେ ସବ୍ରାର୍ଥୋ ମଣି ରୌପ୍ୟ ଓ ୮ ବର୍ଷରୁ କମ୍ ବାଳିକା ବର୍ଗରେ ସାଇଆସ୍ଥା ସିଂହ କାଂସ୍ୟ ପଦକ ଜିତିଛନ୍ତି । ଏହି ଅସାଧାରଣ ସଫଳତା ପାଇଁ ପଦକ ବିଜେତା ଖେଳାଳି, ସେମାନଙ୍କ ପିତା ମାତା, ପ୍ରଶିକ୍ଷକଙ୍କୁ ନିଖିଳ ଓଡ଼ିଶା ଚେସ୍ ? ଆସୋସିଏସନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି ।

## ମା'ମାନେ ବିକାଶର ନେତୃତ୍ୱ ନେବେ :ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮/୬(ନି/ପ୍ର): ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି । ନିତି ଆୟୋଗ ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ (ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ-ଓଡ଼ିଶା ଚାପ୍ଟର) କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହାଅଭିଯାନ ବୋଲି 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି । ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ (ଡବ୍ଲୁଇପି)ର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି । ଆଇଆଇଏମ୍ ସମ୍ବଲପୁର, ଏସ୍‌ବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି । ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ୬,୮୮୭ ଟଙ୍କା ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ଡବ୍ଲୁଇପି ପ୍ଲାଟ୍‌ଫର୍ମ ଜରିଆରେ ମିସନ୍ ଶକ୍ତି, ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିକ୍ଷା ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍, ସ୍କିଲ୍ ଡେଭଲପ୍‌ମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ । ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ସହଭାଗିତା ଓ ସହଯୋଗ ମଧ୍ୟ ଆଜି ଆରମ୍ଭ କରାଯାଇଛି । ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି । ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଂ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ । ଏହା ବ୍ୟତୀତ ଗଞ୍ଜାମର ବରପାଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ'ର

## ଭୂକମ୍ପରେ ଥରିଲା ଉତର-ପୂର୍ବ ଜାପାନ



ନୂଆଦିଲ୍ଲୀ,୨୮/୬:ଥରିଲା ଜାପାନ । ରବିବାର ସକାଳେ ଜାପାନରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି।। ଉତ୍ତର-ପୂର୍ବ ଜାପାନର ତୀବ୍ରତା ୬.୧ ଥିବା ଜଣାପଡିଛି । କିନ୍ତୁ ଏହି ଭୂକମ୍ପ ପରେ କୌଣସି ସୁନାମୀ ଚେତାବନୀ ଜାରି କରାଯାଇନାହିଁ । ବର୍ତ୍ତମାନ ଏହି ଭୂକମ୍ପ ଯୋଗୁଁ କ୍ଷୟକ୍ଷତି କିମ୍ବା ମୃତାହତର କୌଣସି ସୂଚନା ନାହିଁ । କ୍ରମାଗତ ଭୂମିକମ୍ପ ଯୋଗୁଁ ମାଟି ଅତଡ଼ା ଖସିବାର ଆଶଙ୍କା ବୃଦ୍ଧି ପାଇଛି । ଏଥିସହ ଭୂକମ୍ପ ଝଟକା ସମସ୍ତଙ୍କ ଚିନ୍ତାକୁ ବଢାଇଦେଇଛି । ସୂଚନାନୁଯାୟୀ, ଆଜି ସକାଳ ୭ଟା ୨୫ ମିନିଟରେ ଇୱାଟ ପ୍ରଦେଶର ଉପକୂଳରେ ଭୂକମ୍ପ ହୋଇଥିଲା । ଯାହାର ଗଭୀରତା ପ୍ରାୟ ୪୦ କିଲୋମିଟର ଥିଲା । ଏହି ଭୂକମ୍ପ ଆଓମୋରି ପ୍ରଦେଶ ଏବଂ ନିକଟସ୍ଥ ଅନ୍ୟାନ୍ୟ ଅଂଚଳକୁ ଥରାଇ ଦେଇଥିଲା । ଗତକାଲି ଭୂକମ୍ପରେ ଦିଲ୍ଲୀ ଏନସିଆର ସମେତ ଭାରତର ଅନେକ ଭାଗରେ ଭୂକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପରେ ଭୟଭୀତ ହୋଇପଡିଥିଲେ ଲୋକେ । ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୨ ଥିଲା । ଏହି ଭୂକମ୍ପ ଭାରତୀୟ ସମୟ ସନ୍ଧ୍ୟା ୭:୦୪ ମିନିଟରେ ଭୂପୃଷ୍ଠରୁ ୨୧୫ କିଲୋମିଟର ଗଭୀରତାରେ ସଂଗଠିତ ହୋଇଥିଲା । ଭୂକମ୍ପର ଝଟକା ଏତେ ଜୋରରେ ଥିଲା ଯେ, ଘର ଓ ଅଫିସରେ ବସିଥିବା ଲୋକେ ଭୟରେ ବାହାରକୁ ଦୌଡ଼ିଥିଲେ । ହେଲେ ଏଥିରେ ଧନଜୀବନ ନଷ୍ଟ ହେବାର ଖବର ଆସି ନାହିଁ । ଉତ୍ତର-ପଶ୍ଚିମ ଭାରତର କିଛି ଅଂଚଳରେ ମଧ୍ୟ ଅନୁଭୂତ ହୋଇଛି । ଏପଟେ ଭାରତରେ ଦିଲ୍ଲୀ ବ୍ୟତୀତ ଜମ୍ମୁ-କାଶ୍ମୀର ସମେତ ଉତର ଭାରତର କିଛି ରାଜ୍ୟରେ ମଧ୍ୟ ଭୂକମ୍ପର ଜୋରଦାର ଝଟକା ଅନୁଭୂତ ହୋଇଛି । ଆଫଗାନିସ୍ତାନ ବ୍ୟତୀତ ପାକିସ୍ତାନ ଭାରତ, ଚୀନ , ତାଜାକିସ୍ତାନ , ଉଜବେକିସ୍ତାନ , କିର୍ଗିସ୍ତାନ ଓ ତୁର୍କମେନିସ୍ତାନରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା ।

### ସେସଲ୍ସ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୨୮/୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ସେସଲ୍ସ ଗସ୍ତରେ ଥିବା ବେଳେ ରାଜଧାନୀ ଭିକ୍ଟୋରିଆସ୍ଥିତ ଜାତୀୟ ବଟାନିକାଲ ଗାର୍ଡେନ୍‌କୁ ଯାଇ ସେଠାରେ ଥିବା କଇଁଛଗୁଡ଼ିକୁ ଖାଇବାକୁ ଦେଇଛନ୍ତି । ଭାରତ ଓ ସେସଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେସଲ୍ସର ଜାତୀୟ ଦିବସ ସମାରୋହରେ 'ମୁଖ୍ୟ ଅତିଥି' ଭାବେ ନିମନ୍ତ୍ରଣ କରାଯାଇଛି ।

## ପାର୍କରେ ଲାଗିବ ସୋଲାର ଲାଇଟ୍



ଭୁବନେଶ୍ୱର,୨୮/୬(ନି/ପ୍ର): ରାଜଧାନୀରେ ବିଡିଏ ଦ୍ୱାରା ପରିଚାଳିତ ପାର୍କରେ ଲାଗିବ ସୋଲାର ଲାଇଟ୍ । ବିଦ୍ୟୁତ୍ ଖର୍ଚ୍ଚ କମିବା ସହ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଅନୁଷ୍ଠାନ ପକ୍ଷରୁ ଏହି ପ୍ରୟାସ କରାଯାଉଛି । ବିଡିଏ ଦ୍ୱାରା ପରିଚାଳିତ ୩୦ଟି ପାର୍କରେ ୬୦ଟି ସୋଲାର ଲାଇଟ୍ ଲାଗିବ । ଏହି ଲାଇଟ୍‌ଗୁଡ଼ିକରେ ଦୁଇଦିନ ବ୍ୟାକ୍‌ଅପ୍ ରହିବାର ସୁବିଧା ରହିବ । ସଶକ୍ତ ଆଲୁମିନିୟମ କଭର ସହିତ ଏଥିରେ ଆକର୍ଷଣୀୟ ଏଲ୍‌ଇଡି ଲାଇଟ୍ ଖଞ୍ଜାଯିବାର ଯୋଜନା ହୋଇଛି । ବିଡିଏ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଗତ ଏପ୍ରିଲ ୨୨ ତାରିଖରେ ବିଜୁ ପଟ୍ଟନାୟକ ପାର୍କ, ଗୁରୁ କେଳୁଚରଣ ମହାପାତ୍ର ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ଶୈଳଶ୍ରୀବିହାର ପାର୍କ, ବରଗଡ଼ ବ୍ରିଟ୍ କଲୋନି ପାର୍କ, ୟୁନିଟ୍ ୮ ପାର୍କ ଭଳି ୧୧ଟି ପାର୍କ ପାଇଁ ୩୫ ଲକ୍ଷ ୨୦ ହଜାର ୯୬୬ଟଙ୍କାର ଟେଣ୍ଡର ଡକାଯାଇଥିଲା । ୨୦ ଦିନରେ ମଧ୍ୟରେ ଡକ୍ୟୁମେଣ୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା । ହେଲେ ଏହାର ସଂଶୋଧନ କରାଯାଇ ପୁର୍ନବାର ଆଉ ୧୯ଟି ପାର୍କକୁ ମିଶାଯାଇ ଗତ ୧୩ ତାରିଖରେ ପୁର୍ନବାର ୩୭ ଲକ୍ଷ ୯୮ ଟଙ୍କାର ଟେଣ୍ଡର ଡକାଯାଇଛି । ଆସନ୍ତା ୨୮ ତାରିଖ ସୁଦ୍ଧା ବିଡ୍ ଦାଖଲ କରିବାକୁ ଉଲ୍ଲେଖ କରାଯାଇଛି । ବର୍ତ୍ତମାନ ବିଡିଏ ଦ୍ୱାରା ପରିଚାଳିତ ଅଧିକାଂଶ ପାର୍କରେ ଲାଇଟ୍ ଜଳୁନି ବୋଲି ଅଭିଯୋଗ ହେଉଛି । ଲୋକସେବା ଭବନ ସମ୍ମୁଖରେ ଥିବା ଆଇଜି ପାର୍କରେ ପାଖାପାଖି ୬ଟି ବଲ୍‌ବ ଅଚଳ ପଡ଼ିଛି । ବିଶେଷ କରି ଶୌଚାଳୟ ପାଖରେ ଥିବା ବଲ୍‌ବ ଅଚଳ ଥିବାରୁ ଲୋକମାନେ ହଇରାଣରେ ପଡୁଛନ୍ତି । ସେହିପରି ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ବିଜୁ ପଟ୍ଟନାୟକ ପାର୍କ, ଶିଶୁବିହାର, ବୁଦ୍ଧ ଜୟନ୍ତୀ ପାର୍କ, ମହାତ୍ମା ଗାନ୍ଧୀ ପାର୍କରେ ମଧ୍ୟ କେତେକ ବଲ୍‌ବ ଜଳୁନି । ଏନେଇ ବିଡିଏର ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ ମିଶ୍ର କହିଛନ୍ତି ଯେ ପରିବେଶ ସୁରକ୍ଷା ସହିତ ପାର୍କଗୁଡ଼ିକୁ ସୌନ୍ଦର୍ଯ୍ୟୀକରଣ କରିବା ପାଇଁ ବିଡିଏ ପକ୍ଷରୁ ଯୋଜନା ହେଉଛି । ୩୦ଟି ପାର୍କରେ ଲାଇଟ୍‌ସଫଳ ଭାବରେ କାର୍ଯ୍ୟକ୍ଷମ ହେଲେ ଆଉ ୧୧ଟି ପାର୍କରେ ଲାଗିବ ବୋଲି ଯୋଜନା ହୋଇଛି ।

## ହର୍ମୁଜରେ ଡ୍ରୋନ୍ ଆକ୍ରମଣର ଜବାବ ଦେଲା ଆମେରିକା:

### ଇରାନ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ



ୱାସିଂଟନ,୨୮/୬: ହର୍ମୁଜ ପ୍ରଣାଳୀ ଦେଇ ଯାତ୍ରା କରୁଥିବା ଏକ ବାଣିଜ୍ୟିକ ମାଲବାହୀ ଜାହାଜ ଉପରେ ଗତକାଲି ଇରାନ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଆମେରିକା ଶନିବାର ଭୋରରୁ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ପ୍ରବଳ ବୋମା ମାଡ଼ କରିଛି । ନିକଟରେ ସଂପନ୍ନ ହୋଇଥିବା ଶାନ୍ତି ଚୁକ୍ତି ପାଇଁ ଏହା ଏକ ବଡ଼ ଝଟ୍‌କା ହୋଇଥିବା ବେଳେ ପୁଣି ଥରେ ଯୁଦ୍ଧ ଉତ୍ତେଜନା ସୃଷ୍ଟି ହୋଇଛି । ଆଜି ପାଲଟା ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍‌ସ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଇରାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ହିଂସାର ଜବାବ ସବୁବେଳେ ହିଂସାରେ ହିଁ ଦିଆଯିବ । ଭାନ୍‌ସ ନିଜ ପୋଷ୍ଟରେ ଆମେରିକାର ଆକ୍ରମଣ ସପକ୍ଷରେ ଯୁକ୍ତି ବାଢ଼ି କହିଛନ୍ତି, 'ଇରାନ ଏକ ସ୍ପଷ୍ଟ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷର କରିଥିଲା, ଯାହାକୁ ଆମେ ସମ୍ପୂର୍ଣ୍ଣ ସମ୍ମାନ ଦେଇଛୁ । ଯଦି ଚୁକ୍ତିନାମାର କାର୍ଯ୍ୟକାରିତାକୁ ନେଇ ସେମାନଙ୍କର କୌଣସି ଅସନ୍ତୋଷ ଥିଲା, ତେବେ ସେମାନେ ଆଲୋଚନା କରିପାରିଥାନ୍ତେ । ମାତ୍ର ସେମାନେ ଯଦି ଆକ୍ରମଣର ପଥ ବାଛିବେ, ତେବେ ହିଂସାର ଜବାବ ହିଂସାରେ ହିଁ ଦିଆଯିବ ।' ଆମେରିକାର ସେଣ୍ଟ୍ରାଲ କମାଣ୍ଡ ସୂଚନା ଦେଇଛି ଯେ ବାଣିଜ୍ୟିକ ଜାହାଜ ଚଳାଚଳ ଉପରେ ଇରାନ ସେନାର ଡ୍ରୋନ୍ ଆକ୍ରମଣ ସମ୍ପୂର୍ଣ୍ଣ ଭାବେ ଶାନ୍ତି ଚୁକ୍ତିର ଉଲ୍ଲଂଘନ ଅଟେ । ଏହାର କଡ଼ା ଜବାବରେ ଆମେରିକୀୟ ସେନାବାହିନୀ ଇରାନର ମିସାଇଲ୍, ଡ୍ରୋନ୍ ସଂରକ୍ଷଣ କେନ୍ଦ୍ର ସମେତ ଉପକୂଳବର୍ତ୍ତୀ ରାଡାର୍ ଷ୍ଟେସନଗୁଡ଼ିକ ଉପରେ ବୋମା ମାଡ଼ କରି ଛାରଖାର କରିଦେଇଛି । ଚୁକ୍ତିନାମାର ସମସ୍ତ ନିୟମ ଯେପରି ଠିକ୍ ଭାବେ ପାଳନ ହେବ, ସେଥିପାଇଁ ଆମେରିକା ସେନା ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିଛି ବୋଲି କହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାକୁ ଇରାନର ଏକ ମୂର୍ଖତାପୂର୍ଣ୍ଣ ଚୁକ୍ତି ଉଲ୍ଲଂଘନ ବୋଲି ଆଖ୍ୟା ଦେଇଛନ୍ତି । ଟ୍ରମ୍ପଙ୍କ ଅନୁଯାୟୀ, ଇରାନ ଏକ ମାଲବାହୀ ଜାହାଜ ଉପରକୁ ଅତିକମରେ ୪ଟି ଆତ୍ମଘାତୀ ଡ୍ରୋନ୍ ମାଡ଼ କରିଥିଲା । ସେଥିମଧ୍ୟରୁ ଗୋଟିଏ ଡ୍ରୋନ୍ ଜାହାଜର ଉପରିଭାଗ ଡେକ୍‌ରେ ବାଜିଥିବା ବେଳେ ଆମେରିକା ସେନା ଅନ୍ୟ ୩ଟି ଡ୍ରୋନ୍‌କୁ ଆକାଶରେ ହିଁ ଧ୍ୱଂସ କରିଦେଇଥିଲା । ଓମାନ ସାଗର ନିକଟରେ ହୋଇଥିବା ଏହି ଆକ୍ରମଣ ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଓ ବାଣିଜ୍ୟିକ ସାମୁଦ୍ରିକ ପଥର ସୁରକ୍ଷାକୁ ନେଇ ପୁଣି ଥରେ ଚିନ୍ତା ବଢ଼ିଯାଇଛି । ଅନ୍ୟପଟେ ଇରାନ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ଯାଉଥିବା ସମସ୍ତ ଜାହାଜ ଚଳାଚଳକୁ ନିୟନ୍ତ୍ରଣ କରିବାର ସମ୍ପୂର୍ଣ୍ଣ ଅଧିକାର ତା' ପାଖରେ ରହିଛି । ଉପସାଗରୀୟ ଦେଶଗୁଡ଼ିକ କୌଣସି ସ୍ଥିତିରେ ବି ଆମେରିକାର ପକ୍ଷ ନ ନେବାକୁ ଇରାନ ଚେତାବନୀ ଦେଇଛି । ବାହାରିନ ଆମେରିକା ସେନାକୁ ଲଗାତାର ସହାୟତା ଦେଉଥିବାରୁ ଆଜି ସକାଳେ ଇରାନ ବାହାରିନ ଉପରେ ଡ୍ରୋନ୍ ଆକ୍ରମଣ କରିଛି । ସାମ୍ପ୍ରତିକ ସାମରିକ ଉତେଜନା ଯୋଗୁଁ ୬୦ ଦିନିଆ ଶାନ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ସୋମବାର ୨୯ ଜୁନ୍ ୨୦୨୬**

# ସୃଷ୍ଟି ପାଇଁ ମାଟି



ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ। ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି। ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ। କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ। ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଂଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ। ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ। ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି। ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ। ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି। ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତିକା ଦିବସ ଅବସରରେ ମନାଯାଉଛି। ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ। ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ। ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟ, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ। ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି। ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ। ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି। ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି। ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଂଚିଯିବ। ଗୋଟିଏ ସେଂଟିମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ। ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ। ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ। ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ। ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି। ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ। ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି। ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ। କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ। ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି। କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି। ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଚିଂ ରହିଥିବା ବେଳେ ମରିଯାଉଥିବା ମାଟିକୁ ବଚାଂଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ।

# ବିଶ୍ୱାସର ଶତାଂଶ

ପରିବେଶ ବିଜ୍ଞାନୀମାନଙ୍କ ମତରେ ଗାଡ଼ିରୁ ନିର୍ଗତ ହେଉଥିବା ଧୂଆଁ ଆଧାରରେ 'ଇ୨୦'ର ପ୍ରଦୂଷଣ ସ୍ତର ଆଶ୍ୱସ୍ତ କରିପାରେ, କିନ୍ତୁ ଆଖୁ ଅମଳରୁ ଇଥାନଲ ପ୍ରସ୍ତୁତି ପର୍ଯ୍ୟନ୍ତ ପ୍ରକ୍ରିୟାରେ ସୃଷ୍ଟ ପାରିବେଶିକ କୁପ୍ରଭାବକୁ ମଧ୍ୟ ନଜରଅନ୍ଦାଜ କରାଯାଇ ପାରିବ ନାହିଁ। 'ନିତି ଆୟୋଗ'ଙ୍କ ରିପୋର୍ଟରେ ମଧ୍ୟ ଏହି ସବୁ ସମସ୍ୟା ଉପରେ ଆଲୋକପାତ କରାଯାଇ ଇଥାନଲ ପ୍ରସ୍ତୁତି ଲାଗି ଅଣ ଆଖୁ ଜାତୀୟ ଫସଲ ଉପରେ ଅଧିକ ଗୁରୁତ୍ୱ ଦେବାର ପରାମର୍ଶ ରହିଛି। ଏ ସମସ୍ତ ବିଷୟ ଆଲୋଚନାର ପରିସରକୁ ଆସିଥିଲେ ସାଧାରଣ ନାଗରିକଙ୍କ ଅନେକ ପ୍ରଶ୍ନ ଓ ସନ୍ଦେହର ଉତର ମିଳି ପାରିଥାଆନ୍ତା; ଅନ୍ତତଃ ପକ୍ଷେ ସରକାର ସ୍ୱଚ୍ଛ ଦିଶନ୍ତେ! ଗଲା ଏପ୍ରିଲ ୧ ତାରିଖଠାରୁ ଭାରତର ପ୍ରାୟ ସର୍ବତ୍ର 'ଇ୨୦' ପେଟ୍ରୋଲ ବିକ୍ରି ହୋଇ ଚାଲିଥିବା ବେଳେ ସାମାଜିକ ଗଣମାଧ୍ୟମରେ ସୃଷ୍ଟ ପ୍ରବଳ କୋଳାହଳ ପରେ ଯାଇ ପେଟ୍ରୋଲ ଚାଳିତ ଗାଡ଼ିର କୋଟି କୋଟି ମାଲିକ ସହସା ଯେମିତି ଏ ବାବଦରେ ସଚେତନ ହୋଇ ଉଠିଛନ୍ତି। ସେମାନେ ଚେତିବାର ହେତୁ ହେଲା ପୂର୍ବରୁ ସେମାନଙ୍କ ଗାଡ଼ିମାନ ଏକ ନିର୍ଦ୍ଦିଷ୍ଟ ପରିମାଣର ପେଟ୍ରୋଲରେ ଯେତିକି ଦୂରତା ଅତିକ୍ରମ କରୁଥିଲେ, ଏବେ ତହିଁରେ ହ୍ରାସ ଘଟୁଥିବା ସେମାନେ ଦେଖିବାକୁ ପାଉଛନ୍ତି। ଏହା ପ୍ରାୟ ସମସ୍ତଙ୍କୁ ଜ୍ଞାତ ଯେ 'ଇ୨୦' ପେଟ୍ରୋଲରେ ୨୦% ଇଥାନଲ ମିଶିଥାଏ। ଉଲ୍ଲେଖଯୋଗ୍ୟ ଯେ ୨୦୦୩ ମସିହାରୁ ପେଟ୍ରୋଲରେ ୧.୫% ଇଥାନଲ ମିଶ୍ରଣର ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ୨୦୧୪ ମସିହାଠାରୁ ଇଥାନଲର ଅନୁପାତକୁ କ୍ରମାଗତ ବୃଦ୍ଧି କରିବାର ପ୍ରଚେଷ୍ଟା ଆରମ୍ଭ ହୋଇଥିଲା। ସେହି କ୍ରମରେ ୨୦୨୨ ମସିହାରୁ ଦେଶର ସର୍ବତ୍ର 'ଇ୧୦' ପେଟ୍ରୋଲ ବ୍ୟବହୃତ ହୋଇ ଆସୁଛି। ଏବେ ତହିଁରେ ଆଉ ୧୦% ଅଧିକ ଇଥାନଲ ମିଶିଛି। ଏହା ମଧ୍ୟ ସତ ଯେ ସଂପ୍ରତି ଅନେକ ଦେଶରେ 'ଇ୨୦' ପେଟ୍ରୋଲର ପ୍ରଚଳନ ଅଛି। ଆଖୁ, ମକା ଓ ଚାଉଳ ଆଦି ଇଥାନଲ ପ୍ରସ୍ତୁତିରେ କଚାଂମାଲ ହୋଇଥିବାରୁ, ତା'ର ଉତ୍ପାଦନରେ ଭାରତ ଅନେକାଂଶରେ ସ୍ୱାବଲମ୍ବୀ ମଧ୍ୟ ହୋଇପାରିବ, ଯଦ୍ୱାରା ଖଣିଜ ତୈଳର ଆମଦାନି ଉପରୁ ନିର୍ଭରଶୀଳତା ହ୍ରାସ ପାଇବ। ଏହା ସୁବିଦିତ ଯେ ଖଣିଜ ତୈଳ ଚାହିଦାର ୮୫% ଭାରତ ବିଦେଶରୁ ଆମଦାନି କରିଥାଏ। ଏହା ସହିତ ସୁସମ୍ବାଦଟି ହେଲା ଇଥାନଲ ପ୍ରସ୍ତୁତି ଲାଗି କଚାଂମାଲ ଯୋଗାଇ ଚାଷୀମାନେ ପ୍ରଭୂତ ଭାବେ ଲାଭବାନ ମଧ୍ୟ ହେବେ। ପରିବେଶ ବିଜ୍ଞାନୀମାନେ ମଧ୍ୟ ସହମତ ଯେ ପେଟ୍ରୋଲ ତୁଳନାରେ ଇଥାନଲରୁ ଉତ୍ସର୍ଜିତ ହେଉଥିବା ଅଙ୍ଗାରକର ପରିମାଣ ପ୍ରାୟ ୩୦% କମ୍। ଏହି ସବୁ କାରଣରୁ ଅନେକ 'ଇ୨୦' ବ୍ୟବହାରକାରୀ ଦେଶରେ ଜନସାଧାରଣ ଏହାକୁ ସାଦର ସ୍ୱୀକାର କରିଛନ୍ତି। ତେଣୁ, ପ୍ରଶ୍ନ ହେଲା ଆମ ଦେଶରେ ଏହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରୁଛି କାହିଁକି? ଏହାର ମୁଖ୍ୟ କାରଣ ହେଲେ ଦୁଇଟି: ପ୍ରଥମତଃ, ପରିବର୍ତ୍ତିତ ଅନୁପାତର ଏହି ଇନ୍ଧନକୁ ସାର୍ବଜନୀନ କରିବା ପୂର୍ବରୁ ଲୋକ କ୍ଷେତ୍ରରେ ଏ ନେଇ ବିଶଦ ଚର୍ଚ୍ଚା ଓ ବିତର୍କର ସୁଯୋଗ ସୃଷ୍ଟି କରା ନଯିବା ଏବଂ ଦ୍ୱିତୀୟଟି ହେଲା 'ଇ୨୦' ବ୍ୟବହାରକ୍ଷମ ହେବା ସକାଶେ ଗାଡ଼ିଗୁଡ଼ିକୁ ଓ ମାନସିକ ପ୍ରସ୍ତୁତି ସକାଶେ ଗାଡ଼ିର ମାଲିକମାନଙ୍କୁ ଯଥେଷ୍ଟ ସମୟ ଦିଆ ନ ଯିବା। ଅସଂଖ୍ୟଙ୍କ ବିଚାରରେ ଏହା ଏକ ଗଣତାନ୍ତ୍ରିକ ସରକାରର ଚରିତ୍ର ଅନୁକୂଳ ନୁହେଁ। 'ଇ୨୦'ର ସଫଳତା ସଂଦର୍ଭରେ ସରକାର ବ୍ରାଜିଲର ଦୃଷ୍ଟାନ୍ତ ଦିଅନ୍ତି, କିନ୍ତୁ ଏହା ଉହ୍ୟ ରହିଯାଏ ଯେ 'ଇ୨୦'ର ସାର୍ବଜନୀନ ବ୍ୟବହାର ପୂର୍ବରୁ ବ୍ରାଜିଲର ଗାଡ଼ିଗୁଡ଼ିକରେ 'ଫ୍ଲେକ୍‌ସି ଇଂଜିନ' ଖଞ୍ଜା ସରିଥିଲା, ଯେଉଁ ଇଂଜିନ ଏଭଳି ଇନ୍ଧନ ଲାଗି ଉପଯୁକ୍ତ। ଜଣାପଡ଼ିଛି ଯେ ଆମ ଦେଶରେ, ୨୦୨୩ ମସିହା ପରଠାରୁ ନିର୍ମିତ ହେଉଥିବା ଗାଡ଼ିଗୁଡ଼ିକରେ 'ଫ୍ଲେକ୍‌ସି ଇଂଜିନ'ର ବ୍ୟବସ୍ଥା କରାଯାଇଛି, କିନ୍ତୁ ଏହି ଇଂଜିନ ଲାଗି ନ ଥିବା ପୁରୁଣା ଗାଡ଼ିର ସଂଖ୍ୟାନୁପାତ ଅନେକ ଗୁଣରେ ଅଧିକ। ଅବଶ୍ୟ, ଗାଡ଼ି ନିର୍ମାତା କଂପାନିମାନେ ଏବେ କହିଲେଣି ଯେ 'ଇ ୧୦' ପେଟ୍ରୋଲ ବହନ କରୁଥିବା ଗାଡ଼ିର ଇଂଜିନ ମଧ୍ୟ 'ଇ୨୦' ଦହନ କରିବାକୁ ସମର୍ଥ, କିନ୍ତୁ ବିଶେଷଜ୍ଞମାନେ କହିଥାଆନ୍ତି ଯେ ଇଂଜିନର ସୁସ୍ୱାସ୍ଥ୍ୟ ଲାଗି ପୁରୁଣା ଇଂଜିନରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଯାହା ଅଧିକ ଚିନ୍ତାର କାରଣ ହୋଇଛି ତାହା ହେଲା 'ଇ୨୦'ର ମାଇଲ ଅତିକ୍ରମୀ କ୍ଷମତା, ଯାହା ପେଟ୍ରୋଲ ତୁଳନାରେ ୫%ରୁ ୧୦% ନ୍ୟୂନ ଏବଂ ଏହା ଦ୍ୱାରା ସାଧାରଣ ଲୋକଙ୍କ ଦୈନନ୍ଦିନ ଖର୍ଚ୍ଚ ବର୍ଦ୍ଧିତ ହୋଇ ପକେଟର ଛିଦ୍ରକୁ ବଡ଼ କରିବ, ବିଶେଷ ଭାବେ ମଧ୍ୟବିତୀୟ ଓ ନିମ୍ନବିତ୍ତୀୟ ପରିବାର, ଅଗଣିତ ସଂଖ୍ୟକ ଭଡ଼ା ଗାଡ଼ି ଚାଳକ ଓ ବ୍ୟବସାୟୀ ଏବଂ ଡେଲିଭରି ବଏ ଇତ୍ୟାଦି ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବେ। ପ୍ରକାଶ ଥାଉ କି ୨୦୨୧ ମସିହାରେ 'ଇ୨୦'ର ବ୍ୟବହାର ପ୍ରସଙ୍ଗରେ 'ନିତି ଆୟୋଗ'ଙ୍କ ଦ୍ୱାରା ଏକ ସୁବିସ୍ତୃତ ରିପୋର୍ଟ ପ୍ରସ୍ତୁତ ହୋଇଥିଲା, ଯହିଁରେ ଉପରୋକ୍ତ ସମସ୍ୟାମାନ ସଂପର୍କରେ ଆଲୋଚନା କରାଯାଇଥିଲା। ତେଣୁ 'ଇ୨୦'ର ସାର୍ବଜନୀନ ପ୍ରଚଳନ ପୂର୍ବରୁ ଏହି ସବୁ ବିଷୟକୁ ଘେନି ଲୋକକ୍ଷେତ୍ରରେ ପ୍ରାଂଜଳତା ଜରୁରି ଥିଲା ବୋଲି ହୃଦ୍‌ବୋଧ କରି ହୁଏ। କିନ୍ତୁ 'ଇ୨୦'ର ପ୍ରଚଳନ ସକାଶେ ଉଦ୍‌ଗ୍ରୀବ ସରକାର ସମୟସାପେକ୍ଷ ବିଚାରବିମର୍ଶକୁ ସୁଯୋଗ ଦେଇନାହାନ୍ତି। ବିଶଦ ଚର୍ଚ୍ଚା ହୋଇଥିଲେ ପ୍ରଶ୍ନ ଉଠିଥାଆନ୍ତା ଯେ 'ଇ-୨୦'ରେ ପେଟ୍ରୋଲର ଅଂଶ ୨୦% କମିବା ପରେ ଲାଭାଂଶ ସ୍ୱରୂପ ନାଗରିକମାନଙ୍କ ସକାଶେ ଶସ୍ତାରେ ତାହା ଉପଲବ୍ଧ କରାଇ ଦିଆଯିବ କି? ଏଠାରେ ସ୍ମରଣୀୟ ଯେ ଇଥାନଲ ମିଶ୍ରିତ ପେଟ୍ରୋଲର ମୁଖ୍ୟ ଉଦ୍ୟୋକ୍ତା କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡ଼କରୀ କହିଥିଲେ ଯେ 'ଇ୨୦' ପେଟ୍ରୋଲର ମୂଲ୍ୟ ଅତି ଶସ୍ତା ଅର୍ଥାତ୍ ଲିଟର ପ୍ରତି ମାତ୍ର ୫୫ ଟଙ୍କା ହେବ। କିନ୍ତୁ ବିଡ଼ମ୍ବନା ହେଲା, ଏପ୍ରିଲ ମାସରୁ ନାଗରିକମାନେ ପୂର୍ବର ଅପରିବର୍ତ୍ତିତ ଉଚ୍ଚା ଦରରେ 'ଇ୨୦' ବ୍ୟବହାର କରିବାରେ ଲାଗିଛନ୍ତି। 'ଇ୨୦'କୁ ପର୍ଯ୍ୟାୟ କ୍ରମେ 'ଇ୧୦୦'କୁ ଉନ୍ନୀତ କରିବାକୁ ସରକାର ଯତ୍ନଶୀଳ ବୋଲି ଜଣାଯାଏ। ଏହା ହେଲେ ଚାଷୀମାନଙ୍କ ଆୟ ବୃଦ୍ଧି ହେବା ସୁନିଶ୍ଚିତ। କିନ୍ତୁ ପ୍ରଶ୍ନ ହେଲା, ଏ ପର୍ଯ୍ୟନ୍ତ ଭାରତରେ ଇଥାନଲର ମୁଖ୍ୟ ସ୍ରୋତ ଆଖୁ ହୋଇଥିବାରୁ ଏହା ଦ୍ୱାରା ମହାରାଷ୍ଟ୍ର ବା ଉତ୍ତରପ୍ରଦେଶ ବା ସେହି ଭଳି କିଛି ନିର୍ଦ୍ଦିଷ୍ଟ ଅଚଂଳର ଆଖୁଚାଷୀମାନେ ହିଁ ଉପକୃତ ହେବେ। କିନ୍ତୁ, ଏଣେ କୃଷି ବିଜ୍ଞାନୀମାନେ ଆଶଙ୍କା ପ୍ରକଟ କଲେଣି ଯେ ଉତମ ଆୟର କାରଣ ହେଲେ କ୍ରମେ ଦେଶର ଅଧିକାଂଶ ଚାଷୀ ଆଖୁ ଚାଷରେ ବ୍ୟାପୃତ ହେବେ, ଯଦ୍ୱାରା ଫସଲର ବିବିଧତା ପ୍ରଭାବିତ ହେବା ସହିତ ଖାଦ୍ୟ ସୁରକ୍ଷା ପ୍ରତିକୂଳତାର ସମ୍ମୁଖୀନ ହେବ। ଅନେକ 'ଇ୨୦' ବ୍ୟବହାରକାରୀ ଦେଶରେ ଏହି ବିଷୟ ତୀବ୍ର ବିତର୍କ ସୃଷ୍ଟି କଲାଣି। ଦ୍ୱିତୀୟ କଥା ହେଲା, ଆଖୁ ଚାଷ ସକାଶେ ପ୍ରଭୂତ ଜଳର ଆବଶ୍ୟକତା ପଡୁଥିବାରୁ ଏବଂ ଆଖୁର ବାରମ୍ବାର ଅମଳ ହେତୁ ମୃତିକାର ଉର୍ବରତା ହ୍ରାସ ପାଉଥିବାରୁ ଏହା ପାରିବେଶିକ ଚିନ୍ତାର କାରଣ ମଧ୍ୟ ହୋଇଥାଏ। ଅପେକ୍ଷାକୃତ ଅଧିକ ଶୁଷ୍କ ଅଚଂଳରେ ଆଖୁ ଚାଷ କରାଗଲେ ଭୂଗର୍ଭ ଜଳ ସ୍ତରରେ ସଂକୋଚନ ଘଟି ଜଳ ସଂକଟ ସୃଷ୍ଟି କରିଥାଏ। ପରିବେଶ ବିଜ୍ଞାନୀମାନଙ୍କ ମତରେ ଗାଡ଼ିରୁ ନିର୍ଗତ ହେଉଥିବା ଧୂଆଁ ଆଧାରରେ 'ଇ୨୦'ର ପ୍ରଦୂଷଣ ସ୍ତର ଆଶ୍ୱସ୍ତ କରିପାରେ, କିନ୍ତୁ ଆଖୁ ଅମଳରୁ ଇଥାନଲ ପ୍ରସ୍ତୁତି ପର୍ଯ୍ୟନ୍ତ ପ୍ରକ୍ରିୟାରେ ସୃଷ୍ଟ ପାରିବେଶିକ କୁପ୍ରଭାବକୁ ମଧ୍ୟ ନଜରଅନ୍ଦାଜ କରାଯାଇ ପାରିବ ନାହିଁ। 'ନିତି ଆୟୋଗ'ଙ୍କ ରିପୋର୍ଟରେ ମଧ୍ୟ ଏହି ସବୁ ସମସ୍ୟା ଉପରେ ଆଲୋକପାତ କରାଯାଇ ଇଥାନଲ ପ୍ରସ୍ତୁତି ଲାଗି ଅଣ ଆଖୁ ଜାତୀୟ ଫସଲ ଉପରେ ଅଧିକ ଗୁରୁତ୍ୱ ଦେବାର ପରାମର୍ଶ ରହିଛି। ଏ ସମସ୍ତ ବିଷୟ ଆଲୋଚନାର ପରିସରକୁ ଆସିଥିଲେ ସାଧାରଣ ନାଗରିକଙ୍କ ଅନେକ ପ୍ରଶ୍ନ ଓ ସନ୍ଦେହର ଉତ୍ତର ମିଳି ପାରିଥାଆନ୍ତା; ଅନ୍ତତଃ ପକ୍ଷେ ସରକାର ସ୍ୱଚ୍ଛ ଦିଶନ୍ତେ! ଦେଶର କୋଟି କୋଟି ଗାଡ଼ି ବ୍ୟବହାରକାରୀ କ୍ଷୁବ୍‌ଧ ହେବାର କାରଣ ହେଲା 'ଇ୨୦'ର ପ୍ରଚଳନ ଦ୍ୱାରା ସେମାନେ ସର୍ବାଧିକ ପ୍ରଭାବିତ ହେଉଥିବା ବେଳେ ସେମାନଙ୍କୁ ହିଁ ଅନ୍ଧକାରରେ ରଖାଯାଇଛି, ଯାହା ବିଶ୍ୱାସ ଭଙ୍ଗର ଧାରଣା ସୃଷ୍ଟି କରିଛି। ପେଟ୍ରୋଲରେ ଇଥାନଲର ଶତାଂଶ ବୃଦ୍ଧି ସମ୍ବନ୍ଧରେ ଅସ୍ୱଚ୍ଛତା ରଖା ଯାଇ ନ ଥିଲେ ହୁଏତ ସରକାରଙ୍କ ପ୍ରତି ବିଶ୍ୱାସର ଶତାଂଶରେ ହାନି ଘଟି ନ ଥାଆନ୍ତା।

# ବିଚରା ବାଦୁଡ଼ି !

ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଯଦି ପରୀକ୍ଷାଗାରରୁ ଅକସ୍ମାତ୍ ଭୂତାଣୁ ଖସି ଆସିଥାଏ, ତେବେ ତା' ପଛରେ ଥିବ ଅସତର୍କତା ଓ ଅବହେଳା; କୌଣସି ଉଦ୍ଦେଶ୍ୟମୂଳକ ଉଦ୍ୟମ ନୁହେଁ। ତଥାପି 'ଲାବ ଲିକ୍' ଭଳି ଏକ ବିକଳ୍ପ ଆଶଙ୍କାର ମୂଳୋତ୍ପାଟନ କରିବା ସକାଶେ ବୈଜ୍ଞାନିକ ଗଣ ପ୍ରମନ୍ନ ହେବା ଥିଲା ବିଚଳିତକର। ୧୯୮୪ରୁ ୨୦୨୨ ମସିହା ପର୍ଯ୍ୟନ୍ତ, ତିନି ଦଶନ୍ଧିରୁ ଅଧିକ କାଳ, 'ଏନ.ଆଇ.ଏ.ଆଇ.ଡି.'ର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିବା ଫଉଚିଙ୍କ ଠାରୁ ସାଧୁତା ଓ ବେ ?ଜ୍ଞାନିକସୁଲଭ ଚରିତ୍ରଗତ ଅବିଭାଜ୍ୟତା ଆଶା କରାଯାଉଥିଲା; କିନ୍ତୁ ବିଡ଼ମ୍ବନା ହେଲା, ସେ ମିଥ୍ୟାଚାରୀ ବୋଲି ଅପଖ୍ୟାତ ହେଲେଣି! ଚୀନର 'ଉହାନ ଇନ୍ ?ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି'ରୁ, ଦୈବାତ୍, ଅତ୍ୟନ୍ତ ମାରାତ୍ମକ ଏଚ୧ଏନ୧ ଭୂତାଣୁ ଖସି ଆସି ୨୦୨୦ ମସିହାରେ ଭୟାବହ କୋଭିଡ୍ ପାନଡେମିକର ସୂତ୍ରପାତ ଘଟାଇ ପାରିଥାଏ ବୋଲି ସେ ସମୟରେ ସୃଷ୍ଟ ଅପ୍ରତିଭ ସନ୍ଦେହ, ଛଅ ବର୍ଷ ଅତିକ୍ରାନ୍ତ ହୋଇଗଲା ପରେ, ଅବଲୀଳା କ୍ରମେ ସୁପ୍ତ ହୋଇଯାଇଛି ବୋଲି ମନେ ହେଉଥିବା ବେଳେ ଅଚାନକ ଶିରୋନ୍ନୋଳନ କରିଛି; କାରଣ ଯୁକ୍ତରାଷ୍ଟ୍ର ଆମେରିକାର 'ନେସନାଲ ଇଣ୍ଟେଲିଜେନ୍‌ସ'ର ନିର୍ଦ୍ଦେଶକ ତୁଳସୀ ଗବାର୍ଡ ଏ ସଂକ୍ରାନ୍ତରେ ଏ ଯାବତ୍ ଗୋପନୀୟ ଥିବା ଅନେକ ତଥ୍ୟ, ତାଙ୍କ କାର୍ଯ୍ୟକାଳର ଅନ୍ତିମ ଦିନରେ, ପ୍ରକାଶ୍ୟ କରିଛନ୍ତି। ଏହାର ସାଂଘାତିକ ପାର୍ଶ୍ୱଟି ହେଲା, ସେହି ଘଡ଼ିସନ୍ଧି ବେଳାରେ, ପାନଡେମିକକୁ ନେଇ ଅଗତ୍ୟା କିଂକର୍ତବ୍ୟବିମୂଢ଼ ହୋଇ ଉଠିଥିବା ପୃଥିବୀ ସମକ୍ଷରେ, ଦିଗ୍‌ଦର୍ଶକ ଭୂମିକାରେ ଅବତୀର୍ଣ୍ଣ ତତ୍କାଳୀନ 'ନେସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଆଲର୍ଜି ଏଣ୍ଡ ଇନଫେକସିଅସ ଡିଜିଜେସ' ବା 'ଏନ.ଆଇ.ଏ.ଆଇ.ଡି.'ର ମୁଖ୍ୟ ଆନଥ୍ଥାନି ଫଉଚିଙ୍କ ଆଡ଼କୁ ଆରୋପର ଅଙ୍ଗୁଳି ଉଠିବା। ଗବାର୍ଡଙ୍କ ସୂଚନା ଅନୁସାରେ ପାନଡେମିକର ଏକ କାରଣ ଭାବେ ସନ୍ଦେହର ଘେରକୁ ଆସିଥିବା 'ଲାବ୍ ଲିକ୍' (ପରୀକ୍ଷାଗାରରୁ ଲିକ୍) ଥିଓରିକୁ ଖାରଜ କରିବାର ପ୍ରୟାସରେ, ଫଉଚି କୁଆଡ଼େ, ସୁନିୟୋଜିତ ଭାବେ, କରୋନା ଭୂତାଣୁର ଭଣ୍ଡାର ରୂପେ ବଦନାମ ବାଦୁଡ଼ି ମୁଣ୍ଡରେ ଅଠା ବୋଳିବାରେ ବ୍ୟାପୃତ ହୋଇଥିଲେ! କରୋନା ପାନଡେମିକର ପ୍ରଥମ ସଂକ୍ରମଣ ଦେଖିବାକୁ ମିଳିଥିଲା ଚୀନର ଉହାନ ନଗରୀରେ, ୨୦୧୯ ମସିହାର ଶେଷ ଚରଣରେ। ତା' ପରେ କରୋନା ସଂକ୍ରମଣ, ଚୀନ ସୀମା ଲଂଘି, ଅନ୍ୟ ରାଷ୍ଟ୍ରଗୁଡ଼ିକୁ ବ୍ୟାପିବା ଆରମ୍ଭ କଲା ବେଳକୁ ଅର୍ଥାତ୍ ୨୦୨୦ ମସିହା, ଜାନୁଆରି ୨୩ ତାରିଖରେ ବ୍ରିଟିସ ଟାବଲଏଡ 'ଡେଲି ମିରର' ଏବଂ ତା'ର କିଛି ଦିନ ପରେ ଆମେରିକାର 'ୱାସିଂଟନ ଟାଇମ୍‌ସ'ରେ ସର୍ବ ପ୍ରଥମେ ସନ୍ଦେହ ପ୍ରକଟିତ ହୋଇଥିଲା ଯେ 'ଉହାନ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି'ର ପରୀକ୍ଷାଗାରରେ ବିକଶିତ କୌଣସି କରୋନା ଭୂତାଣୁର ଏହା ଉତ୍ପାତ ନୁହେଁ ତ ଜୈବ-ଯୁଦ୍ଧର କୌଣସି ଇଙ୍ଗିତ ଏଥିରେ ରହିଛି କି? କହିବା ଅନାବଶ୍ୟକ ଯେ ଏହାକୁ ଟାବଲଏଡ୍-ଧର୍ମୀ ଚାଂଚଲ୍ୟ ସୃଷ୍ଟିର ଅତ୍ୟୁତ୍ସାହ ଓ ଦୁରଭିସନ୍ଧି ଭାବେ ତତ୍‌କ୍ଷଣାତ୍ ନାକଚ କରି ଦିଆଯାଇଥିଲା। ଏହା ପରେ ତୁରନ୍ତ, ଅର୍ଥାତ୍ ୨୦୨୦ ମସିହା, ଫେବ୍ରୁଆରି ଓ ଏପ୍ରିଲ ମାସରେ, ପୃଥିବୀର ସର୍ବପ୍ରସିଦ୍ଧ ଚିକିତ୍ସା ବିଜ୍ଞାନ ପତ୍ରିକା 'ଦ ଲାନସେଟ'ରେ ପ୍ରକାଶିତ ଏକ ପତ୍ର ଓ ଆଲେଖ୍ୟ ମାଧ୍ୟମରେ ଦାବି କରାଗଲା ଯେ ଭୂତାଣୁଟି ବାଦୁଡ଼ିଠାରୁ ଅବତରିତ ଓ ରୂପାନ୍ତରିତ ଏବଂ ସେହି କ୍ରମରେ ମନୁଷ୍ୟରୁ ମନୁଷ୍ୟକୁ ସଂକ୍ରମଣ କରିବାରେ ଅତ୍ୟନ୍ତ ସକ୍ଷମ। ପତ୍ରଟିରେ ରହିଥିଲା ପ୍ରସିଦ୍ଧ କୋଡ଼ିଏ ସରିକି 'ଭାଇରୋଲୋଜିଷ୍ଟ' ବା ଭୂତାଣୁ ବିଶେଷଜ୍ଞଙ୍କ ଦସ୍ତଖତ ଏବଂ ଆଲେଖ୍ୟଟି ଲେଖିଥିଲେ ଖ୍ୟାତନାମା ଗବେଷକ ଓ ବୈଜ୍ଞାନିକ ଖ୍ରୀଷ୍ଟିଆନ ଜି. ଆଣ୍ଡରସନ। କେବଳ ସେତିକି ନୁହେଁ, ଏହାର ଉତ୍ପତ୍ତି ସଂକ୍ରାନ୍ତରେ ସରଜମିନ ଅନୁସନ୍ଧାନ କରିବା ଲାଗି ଚୀନ ଗସ୍ତ କରିଥିବା 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ବା 'ଡବ୍ଲ୍ୟୁ.ଏଚ.ଓ.'ର ବିଶେଷଜ୍ଞ ଦଳ ମଧ୍ୟ ବାଦୁଡ଼ିକୁ ହିଁ ଦୋଷଯୁକ୍ତ କରିଥିଲେ। ଏହା ସୁନିଶ୍ଚିତ ହୋଇଯାଇଥିଲା ଯେ ଉହାନ ନଗରୀର ଆମିଷ ବଜାରରୁ ହିଁ ସଂକ୍ରମଣର ସୃଷ୍ଟି ହୋଇଛି, ଯେଉଁଠି ବାଦୁଡ଼ି ମାଂସ ବିକ୍ରୟ କରାଯାଇଥାଏ। ତେବେ, କିଛି ଦିନ ପରେ ଯାହା ବିବାଦ ସୃଷ୍ଟି କରିଥିଲା, ତାହା ହେଉଛି ଆନଥ୍ଥାନି ଫଉଚିଙ୍କ ଅଧୀନସ୍ଥ 'ଏନ.ଆଇ.ଏ.ଆଇ.ଡି.' ପକ୍ଷରୁ ପ୍ରଦତ୍ତ ଆର୍ଥିକ ଅନୁଦାନ 'ଇକୋ ହେଲଥ ଆଲାଏନ୍‌ସ' ମାଧ୍ୟମରେ ଉହାନସ୍ଥ ଭୂତାଣୁ ଗବେଷଣାଗାରକୁ ଯାଇଥିବା ବିଷୟ ଜଣାପଡ଼ିବା, ଯେଉଁଠି 'ଗେନ ଅଫ ଫଙ୍କସନ' ଗବେଷଣା ଜରିଆରେ କୃତ୍ରିମ ଉପାୟରେ କରୋନା ଭୂତାଣୁର ଗୁଣସୂତ୍ରରେ ପରିବର୍ତ୍ତନ ଘଟାଇ ଅଧିକ ଘାତକ ଭୂତାଣୁ ସୃଷ୍ଟି କରାଯାଉଥିଲା। ଯଦିଓ 'ଗେନ ଅଫ ଫଙ୍କସନ' ଗବେଷଣାଗୁଡ଼ିକର ଉଦ୍ଦେଶ୍ୟ ହୋଇଥାଏ ସାମୂହିକ ହିତ ସାଧନ, ଯେମିତି ଏ କ୍ଷେତ୍ରରେ ଭବିଷ୍ୟତର ପାନଡେମିକ ବିରୋଧରେ ପ୍ରତିକାରର ସାମର୍ଥ୍ୟ ସୃଷ୍ଟି, ଭୟାବହ କୋଭିଡ୍ ପାନଡେମିକ ପରିପ୍ରେକ୍ଷୀରେ ପରୀକ୍ଷାଗାରରୁ ଭୂତାଣୁ ଲିକ୍ ହୋଇଥିବାର ସାମାନ୍ୟତମ ଆଭାସ ଅକ୍ଷମଣୀୟ ଦୁର୍ଘଟଣା ଭାବେ ଗଣା ହୁଅନ୍ତା। ତେବେ ସେ ଯାହା ହେଉ, ଶୀଘ୍ର ଜଣା ପଡ଼ିଯାଇଥିଲା ଯେ 'ଦ ଲାନସେଟ'ରେ ପ୍ରକାଶିତ ଦୁଇଟି ପତ୍ର ଓ ଆଲେଖ୍ୟ ପଛରେ ଥିଲା 'ଇକୋ ହେଲଥ ଆଲାଏନ୍‌ସ'ର ମୁଖ୍ୟ ପିଟର ଡାସଜାକଙ୍କ ଚକ୍ରାନ୍ତ, ଯିଏ ନିଜ ସହିତ ନିଜ ଅନୁଷ୍ଠାନକୁ ସନ୍ଦେହମୁକ୍ତ କରିବା ସକାଶେ ଏଭଳି ଆୟୋଜନ କରାଇଥିଲେ ଏବଂ ସେଥିରେ ସଂଶ୍ଳିଷ୍ଟ ଗବେଷକମାନେ ବିଭିନ୍ନ ସୂତ୍ରରୁ ଉହାନ ଗବେଷଣା ସହିତ ସଂଶ୍ଳିଷ୍ଟ ଥିଲେ। ତେବେ, ୨୦୨୧ ମସିହାରେ, କାଥେରିନ ଏବାନଙ୍କ ଦ୍ୱାରା ଲିଖିତ ଓ 'ଭେନିଟି ଫେୟାର'ରେ ପ୍ରକାଶିତ 'ଲାବ ଲିକ ଥିଓରି: ଇନସାଇଡ ଦ ଫାଇଟ ଟୁ ଅନକଭର ଦ କୋଭିଡ ନାଇନ୍‌ଟିନ୍‌ସ ଅରିଜିନ୍‌ସ' ଶୀର୍ଷକ ଏକ ଚମତ୍କାର ଗବେଷଣାଧର୍ମୀ ଆଲେଖ୍ୟ ଓ ନିକୋଲସ ୱେଡଙ୍କ ଦ୍ୱାରା ଲିଖିତ ଭାବଗମ୍ଭୀର ପୁସ୍ତକ 'ହ୍ୱେୟାର କୋଭିଡ କେମ ଫ୍ରମ'ର ଆବିର୍ଭାବ ସହିତ 'ଲାବ ଲିକ୍' ଥିଓରି ଅନ୍ୟତମ ସମ୍ଭାବ୍ୟ କାରଣ ଭାବେ ଦମ୍ଭ ପାଇଥିଲା। କିନ୍ତୁ, ଏହା ସହିତ ଅତ୍ୟନ୍ତ କରୁଣ ଭାବେ ଦିଶି ଯାଇଥିଲା ଲବ୍‌ଧ ପ୍ରତିଷ୍ଠ ଗବେଷକ ଓ ବୈଜ୍ଞାନିକମାନଙ୍କ କପଟାଚରଣ! ସତେ ଯେମିତି ସେତିକି ଯଥେଷ୍ଟ ନ ଥିଲା, ତୁଳସୀ ଗବାର୍ଡଙ୍କ ଦ୍ୱାରା ପ୍ରଘଟ ହୋଇଥିବା ଆନଥ୍ଥାନି ଫଉଚିଙ୍କ ମିଥ୍ୟାଚାର ଆହୁରି ହତାଶାଜନକ ହୋଇଛି, ଯିଏ ଆପଣା ସାଧୁତା ପୁଷ୍ଟି କରିବା ସକାଶେ ଆମେରିକାର ସଂସଦ ଗୃହ କଂଗ୍ରେସରେ ଶପଥ ପୂର୍ବକ ଏ ବ୍ୟାପାରରେ ଆପଣା ନିରୀହତା ପ୍ରକାଶ କରିଥିଲେ, ଅର୍ଥାତ୍ 'ଲାବ ଲିକ ଥିଓରି'କୁ ଦମନ କରିବାର କୌଣସି ଅପପ୍ରୟାସ ସେ କରିନାହାନ୍ତି। କିନ୍ତୁ ଏ ଯାବତ୍ ଗୋପନୀୟ ହୋଇ ରହିଥିବା ଅନେକ ଇ-ମେଲ ଆଡ଼କୁ ଇଙ୍ଗିତ କରି ତୁଳସୀ ଗବାର୍ଡ କହିଛନ୍ତି ଯେ କୋଭିଡ ଉତ୍ପତ୍ତିର କାରଣ ଭାବେ 'ଲାବ ଲିକ୍ ଥିଓରି'କୁ ଦମନ କରିବାକୁ ଫଉଚି ମହାଶୟ ଏଫ.ବି.ଆଇ. ଓ ସି.ଆଇ.ଏ. ଭଳି ଆମେରିକୀୟ ଗୁଇନ୍ଦା ଅନୁଷ୍ଠାନଗୁଡ଼ିକୁ ପ୍ରଭାବିତ କରିଛନ୍ତି ଏବଂ କୋଭିଡ ସୂତ୍ରପାତରେ ବାଦୁଡ଼ିର ସଂପୃକ୍ତି ନେଇ ସନ୍ଦେହ ପ୍ରକାଶ କରିଥିବା ଗବେଷକ ଓ ସେମାନଙ୍କ ଗବେଷଣା ଅନୁଷ୍ଠାନକୁ ଅନୁଦାନ ବନ୍ଦ କରାଇ ଦେଇଛନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଯଦି ପରୀକ୍ଷାଗାରରୁ ଅକସ୍ମାତ୍ ଭୂତାଣୁ ଖସି ଆସିଥାଏ, ତେବେ ତା' ପଛରେ ଥିବ ଅସତର୍କତା ଓ ଅବହେଳା; କୌଣସି ଉଦ୍ଦେଶ୍ୟମୂଳକ ଉଦ୍ୟମ ନୁହେଁ। ତଥାପି 'ଲାବ ଲିକ୍' ଭଳି ଏକ ବିକଳ୍ପ ଆଶଙ୍କାର ମୂଳୋତ୍ପାଟନ କରିବା ସକାଶେ ବୈଜ୍ଞାନିକ ଗଣ ପ୍ରମନ୍ନ ହେବା ଥିଲା ବିଚଳିତକର। ୧୯୮୪ରୁ ୨୦୨୨ ମସିହା ପର୍ଯ୍ୟନ୍ତ, ତିନି ଦଶନ୍ଧିରୁ ଅଧିକ କାଳ, 'ଏନ.ଆଇ.ଏ.ଆଇ.ଡି.'ର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିବା ଫଉଚିଙ୍କ ଠାରୁ ସାଧୁତା ଓ ବୈଜ୍ଞାନିକସୁଲଭ ଚରିତ୍ରଗତ ଅବିଭାଜ୍ୟତା ଆଶା କରାଯାଉଥିଲା; କିନ୍ତୁ ବିଡ଼ମ୍ବନା ହେଲା, ସେ ମିଥ୍ୟାଚାରୀ ବୋଲି ଅପଖ୍ୟାତ ହେଲେଣି! ମୂଷିକ ସୁଲଭ ଶରୀର ଏବଂ ପକ୍ଷୀ ସଦୃଶ ଡେଣାଧାରୀ ବାଦୁଡ଼ିକୁ ମନୁଷ୍ୟ କଳ୍ପିତ ଗଳ୍ପ ଓ କଥନିକାରେ କପଟାଚାରୀର ଭାବମୂର୍ତ୍ତି ପ୍ରଦାନ କରାଯାଇଥାଏ; କାରଣ ସୁବିଧା ଦେଖି ସେ କୁଆଡ଼େ ନିଜକୁ ପଶୁ ବା ପକ୍ଷୀ ବୋଲି ଅଭିହିତ କରିଥାଏ। ଅନେକ ଲୋକଗଳ୍ପରେ କୁହାଯାଇଥାଏ ଯେ ଈଶ୍ୱରୀୟ ଦଣ୍ଡ ସ୍ୱରୂପ ବାଦୁଡ଼ିକୁ ଭୂମି ଉପରେ ପାଦ ରଖିବାର ସୁଯୋଗ ମିଳିନାହିଁ, ଯେଉଁ କାରଣରୁ ସେ ତ୍ରିଶଙ୍କୁ ଭଳି ଝୁଲି ରହେ। କିନ୍ତୁ ସମସ୍ତ କପଟାଚାର ସତ୍ତ୍ୱେ ମନୁଷ୍ୟ ତ ଦମ୍ଭର ସହିତ ଛିଡ଼ା ହୋଇ ରହିବାକୁ ସର୍ବଦା ପ୍ରବୃତ୍ତ ଥାଏ! ଘଟଣାଚକ୍ରରେ ତା'ର ପାଦ ଯଦି 'ମୃତିକା ପାଦ' ଭଳି ଭଙ୍ଗୁର ଓ ଟଳମଳ ହେବାକୁ ବସେ, ସେ ଅନାୟାସରେ ତା'ର ଦୋଷତକ କୌଣସି ଅସହାୟର ମୁଣ୍ଡରେ ଲଦି ଦେଇ ଆପଣାକୁ ହାଲୁକା କରିବା ସହିତ ଦାମ୍ଭିକତା ଅକ୍ଷୁଣ୍ଣ ରଖିବାକୁ ଚେଷ୍ଟା କରିଥାଏ; ଯେଉଁ କାରଣରୁ ଫଉଚିଙ୍କ ଠାରୁ ବିଚରା ବାଦୁଡ଼ି ନିସ୍ତାର ପାଇନାହିଁ!

# ସ୍ପୃଶ୍ୟ-ଅସ୍ପୃଶ୍ୟ ତୈଳ

ତେଣୁ ଟ୍ରମ୍ପଙ୍କ ନୈତିକ ମାନଦଣ୍ଡ ଅନୁସାରେ ପ୍ରଶ୍ନ କରାଯିବା ଉଚିତ ଯେ ଭେନେଜୁଏଲାର ତୈଳ କ୍ରୟରୁ ଆମେରିକା ଲାଭ କରୁଥିବା ଅର୍ଥ ଯଦି ମଧ୍ୟ-ପ୍ରାଚ୍ୟ ଯୁଦ୍ଧରେ ନିୟୋଜିତ ହୁଏ, ତେବେ? କିନ୍ତୁ ପ୍ରଶ୍ନ କରିବ କିଏ? ଗଲା ୫ ତାରିଖ ଦିନ ବିଦେଶୀ ସମ୍ବାଦ ସରବରାହ ସଂସ୍ଥା ରଏଟର୍ସ ଓ ବ୍ଲୁମବର୍ଗ ପକ୍ଷରୁ ପ୍ରକାଶିତ ଖବର ଅନୁସାରେ ଭାରତ ପକ୍ଷରୁ ପୁନର୍ବାର ରୁଷୀୟ ତୈଳର ଖର୍ଦ୍ଦି ଆରମ୍ଭ ହୋଇ ଯାଇଛି। ଏହା ସମସ୍ତଙ୍କୁ ଜଣା କିଭଳି ରୁଷୀୟ ତୈଳ ଖର୍ଦ୍ଦିରେ ବିରାମ ଲଗାଇବାକୁ ପ୍ରାୟ ବର୍ଷଟିଏ ଧରି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଭାରତର ବାହୁ ମୋଡ଼ି ତାକୁ ଏକରକମ ନାଚାର କରି ଦେଇଥିଲେ, ଯେଉଁ ପ୍ରକରଣରେ ଭାରତ ଉପରେ ୫୦% ଆମଦାନି ଶୁଳ୍କ ଲାଗୁ କରାଯିବା ଅନ୍ୟତମ ଥିଲା। ସେହି ଦୃଷ୍ଟିରୁ ଜିଦଖୋର ଟ୍ରମ୍ପଙ୍କ ସକାଶେ ଭାରତର ପ୍ରତିଶ୍ରୁତି ଭଙ୍ଗ ରୁଚିକର ନ ହେବା କଥା। କିନ୍ତୁ, ଗଲା କାଲି ଆମେରିକା ସରକାରଙ୍କ ପକ୍ଷରୁ ପ୍ରଦତ୍ତ 'ଏକ୍‌ସ' ବାର୍ତ୍ତା ସହିତ ଏ ନେଇ କଳ୍ପନାଜଳ୍ପନା, ଆଶଙ୍କା ଓ ଉଦ୍‌ବେଗରେ ଭଟ୍ଟା ପଡ଼ିଛି, ଯହିଁରେ କୁହାଯାଇଛି ଯେ ବୈଶ୍ୱିକ ତୈଳ ସଂକଟ ଅବଶ୍ୟମ୍ଭାବୀ ହୋଇଥିବା ଦୃଷ୍ଟିରୁ ଭାରତୀୟ ତୈଳ କଂପାନିଗୁଡ଼ିକୁ ଅନ୍ତତଃ ୩୦ ଦିନ ସକାଶେ ରୁଷୀୟ ତୈଳ ଖର୍ଦ୍ଦି ଲାଗି ଅନୁମତି ପ୍ରଦାନ କରାଯାଇଛି, ଯେଉଁଥିରୁ ବିଶୋଧିତ ତୈଳ ଯୋଗାଣ ବିଶ୍ୱରେ ତୈଳର ଅବାଧ ପ୍ରବାହକୁ ସମ୍ଭବ କରିବ। କିନ୍ତୁ, ଏଭଳି ସ୍ଥଳେ ପ୍ରଶ୍ନ ଉଠିଥାଏ ଯେ ଆମେରିକୀ ସନ୍ଦେଶର ସ୍ୱରରେ ପରିଦୃଷ୍ଟ ଖାଉନ୍ଦପଣ ଭାରତ ଭଳି ପୃଥିବୀର ଚତୁର୍ଥ ବୃହତମ ଅର୍ଥନୀତି ସକାଶେ ଅବମାନନାମୂଳକ ହୋଇ ନ ଥାଏ କି? ରଏଟର୍ସ ପକ୍ଷରୁ ପ୍ରକାଶିତ ସମ୍ବାଦ ଅନୁସାରେ ଖଣିଜ ତୈଳ ବୋଝେଇ ଗୋଟିଏ ରୁଷୀୟ ଟ୍ୟାଙ୍କର ପାରାଦୀପ ବନ୍ଦରରେ ଲଙ୍ଗର ପକାଇଥିବା ବେଳେ ୭ ଲକ୍ଷ ବ୍ୟାରେଲ ପରିମିତ ତୈଳ ବହନକାରୀ ଦ୍ୱିତୀୟ ରୁଷୀୟ ଟ୍ୟାଙ୍କର ଆଜି ସୁଦ୍ଧା ଗୁଜରାଟ ସ୍ଥିତ ବାଡ଼ିନାର ବନ୍ଦରରେ ପହଂଚିବାକୁ ଯାଉଛି। ସୂଚନା ଅନୁସାରେ ପ୍ରାୟ ୯.୫ ନିୟୁତ ଗ୍ୟାଲନ ଅଶୋଧିତ ତୈଳବାହୀ ରୁଷୀୟ ଟ୍ୟାଙ୍କର ଭାସମାନ ଭଣ୍ଡାର ରୂପେ ଆଖପାଖରେ ବିଦ୍ୟମାନ, ଯେଉଁମାନେ ଭାରତର ଇଙ୍ଗିତ ପାଇଲେ ସପ୍ତାହେ ବା ଦୁଇ ସପ୍ତାହ ମଧ୍ୟରେ ଭାରତରେ ପହଂଚିଯିବେ। ସମୁଦ୍ରରେ ଜାହାଜର ଗତିବିଧି ଉପରେ ନିଘା ରଖୁଥିବା ସଂସ୍ଥା 'କେପ୍‌ଲର'ର ସୂଚନା ଅନୁସାରେ ପ୍ରାୟ ୩୦ ନିୟୁତ ଗ୍ୟାଲନ ତୈଳ ସହିତ କେତେକ ରୁଷୀୟ ଜାହାଜ ଭାରତ ମହାସାଗର, ଆରବ ସାଗର ଓ ସିଙ୍ଗାପୁର ପ୍ରଣାଳି ନିକଟରେ ଭାସି ବୁଲୁଛନ୍ତି, ଯେଉଁମାନଙ୍କ ଠାରୁ ମଧ୍ୟ ଭାରତ ପକ୍ଷରୁ ତୈଳ କ୍ରୟର ସମ୍ଭାବନା ରହିଛି। କୁହାଯାଉଛି ଯେ ଯଦି ଦିନେ ବା ଦୁଇ ଦିନ ମଧ୍ୟରେ ଭାରତ ଠାରୁ ଏ ସଂକ୍ରାନ୍ତରେ ସମ୍ମତି ନ ମିଳେ, ତେବେ ଜାହାଜଗୁଡ଼ିକ ଚୀନ ଅଭିମୁଖେ ପ୍ରସ୍ଥାନ କରିବେ। ପ୍ରକାଶ ଥାଉ କି ଅଶୋଧିତ ତୈଳର ଅଭାବ ଜନିତ ପ୍ରଭାବ ଭାରତ ଉପରେ ପଡ଼ିବା ଆରମ୍ଭ କଲାଣି, ଯେଉଁଥିରେ ରାଷ୍ଟ୍ରାୟତ ମାଙ୍ଗାଲୋର ରିଫାଇନେରି (ବିଶୋଧନାଗାର) ଆପାତତଃ ଉତ୍ପାଦନ ବନ୍ଦ କରି ଦେଇଛି ଏବଂ ଅଶୋଧିତ ଖଣିଜ ତୈଳର ଦରରେ ବୃଦ୍ଧି ଘଟିଥିବା ହେତୁ ଇଣ୍ଡିଆନ ଅଏଲ ଓ ଭାରତ ପେଟ୍ରୋଲିଅମ ସକାଶେ ଲିଟର ପିଛା ୨୦ ଟଙ୍କା କ୍ଷତି ସହିବାକୁ ହେଲାଣି। ଏଭଳି ସ୍ଥିତିରେ, ପୂର୍ବ ଭଳି ଶସ୍ତାରେ ନ ହେଲେ ସୁଦ୍ଧା ସହଜରେ ଉପଲବ୍ଧ ହେଉଥିବା ରୁଷୀୟ ତୈଳକୁ କ୍ରୟ କରିବା ଏକ ସରଳ ସାଧାରଣ ଜ୍ଞାନର ବ୍ୟାପାର ହେବା କଥା। କିନ୍ତୁ ସଂପ୍ରତି ଭୂ-ରଣନୈତିକ ଓ ଭୂ-ରାଜନୈତିକ ସଂପର୍କର ହିସାବକିତାବରେ ଭୂଚଳନସୁଲଭ ପରିବର୍ତ୍ତନ ଘଟି ସାରିଥିବାରୁ ରୁଷୀୟ ତୈଳକୁ ଅସ୍ପୃଶ୍ୟ ବୋଲି ଯୁକ୍ତରାଷ୍ଟ୍ର ଆମେରିକା (ଏବଂ କେତେକ ୟୁରୋପୀୟ ରାଷ୍ଟ୍ର) ଦ୍ୱାରା ବିବେଚନା କରାଯାଉଛି। କିନ୍ତୁ, ଏଭଳି ବିଚାରରେ ଯେଉଁ ବିଡ଼ମ୍ବନାଟି ନିହିତ, ତାହା ମଧ୍ୟ ପ୍ରଣିଧାନଯୋଗ୍ୟ। ଏହା ସୁବିଦିତ ଯେ ରୁଷୀୟ ତୈଳ ଖର୍ଦ୍ଦିକରିବାରୁ ନିବୃତ୍ତ ରହିବାକୁ ଭାରତକୁ ବାଧ୍ୟ କରିବା ପଛରେ ଟ୍ରମ୍ପ ଦର୍ଶାଉଥିବା ଏକମାତ୍ର କାରଣ ଥିଲା ଏହା ଯେ ଭାରତକୁ ତୈଳ ବିକ୍ରୟ କରି ରୁଷିଆ ଲାଭ କରୁଥିବା ଅର୍ଥକୁ ୟୁକ୍ରେନ ବିରୋଧରେ ଯୁଦ୍ଧ ଓ ରକ୍ତପାତରେ ବ୍ୟୟ କରାଯାଉଛି, ଯାହାର ଅର୍ଥ ୟୁକ୍ରେନୀୟମାନଙ୍କ ରକ୍ତରେ ଭାରତର ହସ୍ତ ମଧ୍ୟ ରଂଜିତ। କିନ୍ତୁ, ଏକ ଦାରୁଣ ବାସ୍ତବତା ହେଲା, ଖଣିଜ ତୈଳର ବ୍ୟବସାୟ ସଂକ୍ରାନ୍ତରେ ଆମେରିକାର ଇଙ୍ଗିତକୁ ଅମାନ୍ୟ କରୁଥିବା ଦେଶଗୁଡ଼ିକ ଆମେରିକା ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆକ୍ରମଣର ଶିକାର ହୋଇ ଧ୍ୱସ୍ତବିଧ୍ୱସ୍ତ ହୋଇଛନ୍ତି ଏବଂ ଅକଥନୀୟ ମାନବ ଜୀବନ ହାନି ଓ ରକ୍ତପାତ ଦେଖିଛନ୍ତି। ଖଣିଜ ତୈଳ କାରବାର ନେଇ ଆମେରିକାର ପ୍ରଚ୍ଛନ୍ନ ଆଦେଶକୁ ଭ୍ରୂକ୍ଷେପ କରି ନ ଥିବା କାରଣରୁ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନ ଜଣେ ମିତ୍ରରୁ ଶତ୍ରୁରେ ପରିଣତ ହୋଇଥିଲେ। ତା' ପରେ ପ୍ରଥମ ଓ ଦ୍ୱିତୀୟ ଗଲ୍‌ଫ ଯୁଦ୍ଧରେ ଇରାକ ବିଧ୍ୱସ୍ତ ହେଲା, ସଦ୍ଦାମ ହୁସେନ କ୍ଷମତାଚ୍ୟୁତ ହୋଇ ମୃତ୍ୟୁ ଦଣ୍ଡ ଦ୍ୱାରା ଦଣ୍ଡିତ ହେଲେ, ଆମେରିକା ବିରୋଧୀ ସ୍ୱର ନିର୍ବାପିତ ହୋଇଗଲା। ପ୍ରକାଶ ଥାଉ କି ଅନ୍ୟ ଆରବ ରାଷ୍ଟ୍ରଗୁଡ଼ିକ ଆମେରିକାର ଅନୁଗତ ହୋଇ ରହି କ୍ରୋଧର ଶିକାର ହୋଇ ନାହାନ୍ତି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







## ଝାରସୁଗୁଡ଼ାରେ ଭାଜପାର ମିଶ୍ରଣ ପର୍ବ:ଶତାଧିକ ନେତା ଓ କର୍ମୀଙ୍କ ଦଳରେ ଯୋଗଦାନ



ଝାରସୁଗୁଡ଼ା,୨୮/୬(ନି/ପ୍ର): ଝାରସୁଗୁଡ଼ା ସହରର ବିଟିଏମ୍ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ବିଭିନ୍ନ ଅଂଚଳର ଶତାଧିକ ନେତା ଓ କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ଦଳରେ ଯୋଗଦେଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ବାଗଡ଼ିହିର ସମାଜସେବୀ ବିଜୟ କୁମାର ଅଗ୍ରୱାଲ, କିର୍ମିରା ବ୍ଲକ ଭିମଜୋର ଗ୍ରାମପଂଚାୟତର ସରପଂଚ ମନ ବାଗ, ମୋହନ ଚନ୍ଦ୍ର ନାୟକ, ରାକେଶ ସିଂହେ, ବିକାଶ ଅଗ୍ରୱାଲ, ରୂପେଶ ସିଂହେ, ଅରୁଣ ଭଟ୍ଟାଚାର୍ଯ୍ୟ, ବିଜୟ ଛତ୍ରିଆ, ଦିନେଶ କୁମାର ଅମାତ ଏବଂ ଜଜାତି କୁମାର ପଟେଲଙ୍କ ସମେତ ଅନେକ ଯୁବ ନେତା ଓ କର୍ମୀ ସାମିଲ ଥିଲେ। ଏହି ଅବସରରେ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଟଙ୍କଧର ତ୍ରିପାଠୀ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ସେମାନେ କହିଥିଲେ ଯେ, ନୂତନ ସଦସ୍ୟଙ୍କ ଯୋଗଦାନ ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ପ୍ରମୋଦ ତ୍ରିପାଠୀ, ସନ୍ତୋଷ ଯାଦବ, ଉଦ୍ଧବ ସାହୁ, ତୁଷାର ସାହୁ, ନେତାଜୀ ପଟ୍ଟନାୟକ, ବିମଳେନ୍ଦୁ ଭୋଲ, ପ୍ରେମସେନ ରାୟଙ୍କ ସମେତ ବହୁ ଦଳୀୟ କର୍ମକର୍ତା ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ପରେ ଝାରସୁଗୁଡ଼ା ଅଂଚଳରେ ଭାଜପାର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

## ୩ ବର୍ଷରେ ଜରାଜୀର୍ଣ୍ଣ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

### ନିମ୍ନମାନର କାମ ନେଇ ଉଠିଲା ପ୍ରଶ୍ନ

ଝାରସୁଗୁଡ଼ା,୨୮/୬(ନି/ପ୍ର):ଝାରସୁଗୁଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର କୋଲାବିରା ସେକ୍ସନ ଅଧୀନରେ ସମାସିଂହାରୁ କୁସୁମଡିହି ପର୍ଯ୍ୟନ୍ତ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ମାନକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ନିର୍ମାଣର ମାତ୍ର ୩ ବର୍ଷ ମଧ୍ୟରେ ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠିଯାଇ ମେଟାଲ ଓ ବଜରି ବାହାରକୁ ଦେଖାଯାଉଥିବା ବେଳେ କଂକ୍ରିଟ ଅଂଶରେ ମଧ୍ୟ ଚିପ୍ସ ବାହାରି ପଡୁଥିବା ଅଭିଯୋଗ ହୋଇଛି। ବିଭାଗୀୟ ସୂଚନା ଫଳକ ଅନୁଯାୟୀ, ଏହି ସଡ଼କର ନିର୍ମାଣ କାର୍ଯ୍ୟ ୯ ସେପ୍ଟେମ୍ବର ୨୦୨୨ରେ ଶେଷ ହୋଇଥିବା ଦର୍ଶାଯାଇଛି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରକୃତରେ ୨୦୨୩ ମସିହାରେ କାମ ସମ୍ପୂର୍ଣ୍ଣ ହୋଇଥିଲା। ୩.୪ କିଲୋମିଟର ଲମ୍ବା ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୧ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଏଥିମଧ୍ୟରୁ ୨.୫୩ କିଲୋମିଟର ବିଟୁମିନ୍ (ପିଚୁ) ରାସ୍ତା ଓ ୦.୮୭ କିଲୋମିଟର କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ସ୍ଥାନୀୟ ଅଂଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣ ସମୟରେ ନିମ୍ନମାନର ମେଟାଲ ଓ ଚିପ୍ସ ବ୍ୟବହାର କରାଯାଇଥିଲା। ଏହାସହ ଏଷ୍ଟିମେଟ ଅନୁଯାୟୀ ପିଚୁ ପକାଯାଇ ନଥିବାରୁ କେବଳ ଉପର ଭାଗରେ ପତଳା ଆବରଣ ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଅଳ୍ପ ସମୟ ମଧ୍ୟରେ ରାସ୍ତାର ଅବସ୍ଥା ବିଗିଡ଼ି ଯାଇଛି। ଅନ୍ୟପକ୍ଷରେ, ବିଭାଗୀୟ ସୂଚନା ଅନୁସାରେ ଏହି ରାସ୍ତାର ଗ୍ୟାରେଂଟି ଅବଧି ସେପ୍ଟେମ୍ବର ୨୦୨୭ ପର୍ଯ୍ୟନ୍ତ ରହିଛି। ଏହି ସମୟ ମଧ୍ୟରେ ମରାମତି ପାଇଁ ପ୍ରାୟ ୯.୮୭ ଲକ୍ଷ ଟଙ୍କାର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ନିର୍ମାଣ ଶେଷ ହେବା ପରଠାରୁ ଆଜି ପର୍ଯ୍ୟନ୍ତ କୌଣସି ମରାମତି କାର୍ଯ୍ୟ କରାଯାଇ ନଥିବା ନେଇ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରାଯାଇଥିବା ସହ ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ମିଳିଭଗତ ହୋଇ ସରକାରୀ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।ତେବେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛି ।

## ଝାରସୁଗୁଡ଼ାରେ ପାଳିତ ହେଲା ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧ ଦିବସ

ଝାରସୁଗୁଡ଼ା,୨୮/୬(ନି/ପ୍ର): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲ୍ଲା ଅବକାରୀ ବିଭାଗ, ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟଠାରେ ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୭ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କିଷାନ ଛକ ଓ ବେହେରାମାଲ ଛକ ଦେଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ପ୍ରଦର୍ଶନ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ବ୍ରହ୍ମକୁମାରୀ ଅନୁଷ୍ଠାନର ରୀନା (ମୁଖ୍ୟ ବକ୍ତା), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସୁନନ୍ଦ ମହାରଣାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପରେ ପୂର୍ବରୁ ଆୟୋଜିତ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାପରେ ବେଲପାହାଡ଼ସ୍ଥିତ ମିରର ଥିଏଟର ପକ୍ଷରୁ ନିଶାସେବନର କୁପ୍ରଭାବ ଉପରେ ପର୍ଯ୍ୟବେକ୍ଷିତ ଏକ ସଚେତନତାମୂଳକ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କୁ ସଚେତନ କରିବା ସହ ବେଶ୍ ପ୍ରଭାବିତ କରିଥିଲା। ଶେଷରେ କନିଷ୍ଠ କିରାଣି ଆଦିତ୍ୟ କୁମାର ବାଦୀ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମର ସମାପନ କରିଥିଲେ।

## ବୁଦ୍ଧିଜୀବୀ ସମ୍ମିଳନୀରେ ସରକାରଙ୍କ ଦୁଇ ବର୍ଷର ବିକାଶ କାର୍ଯ୍ୟର ଚିତ୍ର ଉପସ୍ଥାପନ



ଝାରସୁଗୁଡ଼ା,୨୮/୬(ନି/ପ୍ର): ଝାରସୁଗୁଡ଼ା ସହରର ବଡ଼େଇମୁଣ୍ଡାସ୍ଥିତ ଇଞ୍ଜିନିୟରିଂ ସ୍କୁଲ ପରିସରରେ ଶୁକ୍ରବାର ନିର୍ବାଚନମଣ୍ଡଳୀ ସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ନାଏକ କହିଥିଲେ ଯେ, ଡବଲ ଇଞ୍ଜିନ ସରକାର ଅଧୀନରେ ଝାରସୁଗୁଡ଼ାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ଏବଂ ସହର ସହ ଗ୍ରାମାଂଚଳରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ହେଉଛି। ବିଧାୟକ ତ୍ରିପାଠୀ କହିଥିଲେ ଯେ, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, କୃଷି ଏବଂ ଭିତିଭୂମି କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ ସମ୍ପାଦିତ ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୩୪୧.୪୦ କୋଟି ଟଙ୍କାରୁ ଅଧିକ ବିନିଯୋଗ କରାଯାଇଥିବା ବେଳେ ୧୦୦ ଶଯ୍ୟା ବିଶିଷ୍ଟ କାର୍ଡିଆକ ହସ୍ପିଟାଲ, ମଙ୍ଗଳବଜାର ସାଟେଲାଇଟ ହସ୍ପିଟାଲ, ମୁଣ୍ଡାମହୁଲ ଓ କୋଲାବିରାରେ ନୂତନ ସିଏଚସି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ରିଟିକାଲ କେୟାର ବ୍ଲକ ନିର୍ମାଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଶିକ୍ଷା କ୍ଷେତ୍ରରେ ୯୧.୧୭ କୋଟି ଟଙ୍କା ବ୍ୟୟରେ ୧୦୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ 'ପିଏମ୍ ଶ୍ରୀ' ଯୋଜନାରେ ୧୧ଟି ବିଦ୍ୟାଳୟର ଆଧୁନିକୀକରଣ କରାଯାଇଛି। ପୌରାଂଚଳରେ ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା, ମଲ୍ଟି-ୟୁଟିଲିଟି କମର୍ସିଆଲ କମ୍ପ୍ଲେକ୍ସ, ନୂତନ ପୌର କାର୍ଯ୍ୟାଳୟ ଭବନ ଓ ଆଧୁନିକ ଗୋଶାଳା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସୂଚନା ରଖାଯାଇଥିଲା। ମହିଳା ସଶକ୍ତିକରଣ, କୌଶଳ ବିକାଶ, 'ନୂଆ ଓଡ଼ିଶା' ଯୋଜନା, କୃଷକ ପଞ୍ଜୀକରଣ, ଡିଜିଟାଲ କ୍ରପ୍ ସର୍ଭେ, 'ଶ୍ରୀ ଅନ୍ନ ଅଭିଯାନ' ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଭଳି ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା – ଦୁଇ ବର୍ଷର ପ୍ରୟାସ' ଶୀର୍ଷକ ପୁସ୍ତକକୁ ମନ୍ତ୍ରୀ ରବିନାରାୟଣ ନାଏକ ଓ ବିଧାୟକ ଟଙ୍କଧର ତ୍ରିପାଠୀ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ହାତରେ ବିଷ ବୋତଲ ଧରି ଆତ୍ମହତ୍ୟା ଧମକ ଦେଲେ ଚାଷୀ



ବରଗଡ଼,୨୮/୬(ନି/ପ୍ର):ବରଗଡ଼ ଡିଆରସିଏସ ଅଫିସରେ ଚାଷୀ ଧାରଣା ଚାଲିଥିବା ବେଳେ ଜଣେ ଚାଷୀ ଟୋକନ ପାଇ ନଥିବାରୁ ଜଣେ ଚାଷୀ ବିଷ ବୋତଲ ଧରି ଆତ୍ମହତ୍ୟା ଧମକ ଦେଇଛନ୍ତି । ଏହି ସମୟରେ ଜଣେ ଚାଷୀ ବିଷ ପିଇବାକୁ ଧମକ ଦେଇଥିଲେ। ଧାନ ବିକ୍ରିରୁ ବଞ୍ଚିତ ହୋଇଥିବାରୁ ବିଷ ପିଇବାକୁ ନିଷ୍ପତ୍ତି ନେଇଥିବା କହିଥିଲେ ଚାଷୀ। ସେ କହିଥିଲେ, ଧାର କରଜ କରି ଚାଷ କରିଥିଲେ। ହେଲେ ଏପର୍ଯ୍ୟନ୍ତ ଧାନ ବିକ୍ରି ହୋଇପାରିନାହିଁ। କରଜ ଟଙ୍କା ଘରକୁ ମାଗିବାକୁ ଆସୁଛନ୍ତି ଲୋକେ, ହେଲେ ତାଙ୍କ ପାଖରେ ପଇସା ନାହିଁ। ଏଥିପାଇଁ ବିଷ ବୋତଲ ସାଙ୍ଗରେ ନେଇ ଆସିଥିଲେ ଚାଷୀ। ପୁଲିସ ଚାଷୀଙ୍କଠାରୁ ବିଷ ବୋତଲ ଛଡ଼ାଇ ନେଇଥିବା ଦେଖିବାକୁ ମିଳିଛି।

## ଜିଲ୍ଲାସ୍ତରୀୟ ମେଧାବୀ ମେଟ୍ରିକ ଛାତ୍ର ସମ୍ବର୍ଦ୍ଧିତ

ବଲାଙ୍ଗିର,୨୮/୬(ନି/ପ୍ର): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରେକ୍ଷାଳୟରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ୍ ଏବଂ ସିବିଏସଇ ବୋର୍ଡ ପରୀକ୍ଷାରେ ଅସାଧାରଣ କୃତୀତ୍ୱ ହାସଲ କରି ସମଗ୍ର ରାଜ୍ୟ ଓ ନିଜ ଅଂଚଳକୁ ଗୌରବାନ୍ୱିତ କରିଥିବା ୨୧୧ ଜଣ ଇ୧ ଗ୍ରେଡ୍ ପ୍ରାପ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ବିଭାଗର ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ।

## ପେଟ୍ରୋଲ- ରନ୍ଧନ ଗ୍ୟାସ ୟୁନିଟ୍‌ରେ ନିୟମିତ ଚଢ଼ଉ ଦାବି

ଜୟପୁର,୨୮/୬(ନି/ପ୍ର): ପ୍ରତିଦିନ ଗ୍ରାହକ ମାନେ ବିଭିନ୍ନ ଆଳରେ ଠକାମୀର ଶିକାର ହେଉଛନ୍ତି । ଏଭଳି ପରିସ୍ଥିତିରେ କୋରାପୁଟ ଜିଲାର ଗ୍ରାହକ ମାନେ ପେଟ୍ରୋଲ ଓ ରନ୍ଧନ ଗ୍ୟାସ କ୍ରୟ ବେଳେ ଠକାମୀର ଶିକାର ହେଉଥିବା ଅଭିଯୋଗ ଆସୁଛି । ଉକ୍ତ ଅଭିଯୋଗର ସମାଧାନ ପାଇଁ ଏହି ଦୁଇଟି କ୍ଷେତ୍ରରେ ନିୟମିତ ବିଭାଗ ପକ୍ଷରୁ ତଦାରଖ ସହ ଅଚାନକ ଚଢ଼ଉ ପାଇଁ ଦାବୀ ଜୋର ଧରିଛି । ଏବେ ସାଧାରଣ ଜୀବନରେ ପେଟ୍ରୋଲ ଓ ଲିକ୍ୟୁଫାଏଡ ପେଟ୍ରୋଲିୟମ ଗ୍ୟାସ ଏଲପିଜି ଅତ୍ୟାବଶ୍ୟକ ଦ୍ରବ୍ୟ ପାଲଟିଛି । ବିଭିନ୍ନ କମ୍ପାନୀ ବା ଏଜେନ୍ସି ଦ୍ୱାରା ଏହି ଗ୍ରାହକଙ୍କୁ ବଣ୍ଟନ କରାଯାଉଛି । ଏଥିପାଇଁ କୋରାପୁଟ ଜିଲା ୧୪ଟି ବ୍ଲକ ଅଂଚଳରେ ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସି ମଧ୍ୟ ରହିଛି । ମାତ୍ର ସେଠାରେ ବିଭାଗ ପକ୍ଷରୁ ନିୟମିତ ଯାଂଚ ହେଉ ନଥିବାରୁ ଗ୍ରାହକ ଠକାମୀରେ ଶିକାର ହେଉଛନ୍ତି । ଗ୍ରାମାଂଚଳ ବିଭିନ୍ନ ଅଂଚଳରେ ୩ରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ଅଛି । ଏହି ସବୁ ପେଟ୍ରୋଲ ପମ୍ପ ଗୁଡିକରେ ପ୍ରତିଦିନ ହଜାର ହଜାର ଗ୍ରାହକ ନିଜର ବାଇକ, ଚାରି ଚକିଆ ଓ ଭାରୀ ଯାନରେ ପେଟ୍ରୋଲ ଓ ଡିଜେଲପକାଉଛନ୍ତି । ଏଥିରେ ଲକ୍ଷାଧିକ ଟଙ୍କା ବ୍ୟବସାୟ ହେଉଛି । ମାତ୍ର ଏଥିରେ ଗ୍ରାହକଙ୍କୁ ଅଭିନବ ଭାବେ ଠକା ଯାଉଛି । ଗ୍ରାହକ ଯେତେ ଟଙ୍କାର ପେଟ୍ରୋଲ କ୍ରୟ କରୁଛନ୍ତି ; ସେତିକି ଟଙ୍କାର ପେଟ୍ରୋଲ ନ ମିଳି କମ୍ ମିଳୁଛି । ସବୁ ପେଟ୍ରୋଲ ପମ୍ପ ନୁହେଁ କିଛି ପେଟ୍ରୋଲ ପମ୍ପରେ ଏଭଳି ବେଆଇନ କାମ କରାଯାଉଛି । ନିୟମ ମୁତାବକ ଗ୍ରାହକଙ୍କ ଜାଣିବା ଉଦ୍ଦେଶ୍ୟରେ ପ୍ରତି ପେଟ୍ରୋଲ ପମ୍ପଗୁଡିକରେ ବୈଧ ମାପ ବିଭାଗ ପକ୍ଷରୁ ମିଳିଥିବା ଯାଂଚ ପ୍ରମାଣ ପତ୍ର ଲଗାଯିବା ବାଧ୍ୟତାମୂଳକ । ଏହା ବ୍ୟତୀତ ଗ୍ରାହକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜାରି ହୋଇଥିବା ବିଭିନ୍ନ ହେଲ୍ପ ଲାଇନ ସାର୍ବଜନୀନ କରାଯିବା ଉଚିତ । ମାତ୍ର ଅଧିକାଂଶ ପେଟ୍ରୋଲ ପମ୍ପ ଗୁଡିକ ଏହା କରୁନଥିବା ଅଭିଯୋଗଆସିଛି । ସମାନ ସମସ୍ୟା ଏଲପିଜି ଗ୍ୟାସ କ୍ଷେତ୍ରରେ ଦେଖିବାକୁ ମିଳୁଛି। ରୋଷେଇରେ ଏଲପିଜି ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହା ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଉଛି । ଏଥିପାଇଁ ସବସିଡ଼ି ବ୍ୟବସ୍ଥା ମଧ୍ୟ କରାଯାଉଛି। କୋରାପୁଟ ଜିଲାର ୧୪ଟି ବ୍ଲକ, ପୌରାଂଚଳର, ଏନଏସି ନଚେତ ନିକଟସ୍ଥ ବ୍ଲକ ଅଂଚଳରେ କିଛି ଏଜେନ୍ସିଙ୍କୁ ଏହାର ବଣ୍ଟନ ଦାୟିତ୍ୱ ଦିଆଯାଇଛି । ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କୁ ସେମାନେ ଏହି ଏଲପିଜି ଯୋଗାଇ ଦେଉଛନ୍ତି । ତେବେ ପ୍ରତି ସିଲିଣ୍ଡରରେ କିଛିଦିନ ହେବ ୨ରୁ ୩କିଗ୍ରା ଲେଖାଏଁ ଗ୍ୟାସ କମ୍ ରହୁଛି । ଯୋଗାଣ ବିଭାଗ ପକ୍ଷରୁ ନିୟମିତ ଯାଂଚ ନ ହେବାରୁ ସାଧାରଣ ଲୋକେ ଠକାମୀର ଶିକାର ହେଉଛନ୍ତି । ଅପରପକ୍ଷରେ ଏହି ଦାୟିତ୍ୱରେ ଥିବା କିଛି ଅସାଧୁ କର୍ମଚାରୀ ମାଲେମାଲ ହେଉଥିବା ଏଲପିଜି ଗ୍ରାହକ ମାନେ ଅଭିଯୋଗକରିଛନ୍ତି । ଏହି ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ସେମାନେ ଦାବୀ କରିଛନ୍ତି । ନିୟମ ମୁତାବକ ସିଲିଣ୍ଡର ଦେବା ସମୟରେ ସମ୍ପୃକ୍ତ କର୍ମଚାରୀ ଉପଭୋକ୍ତାଙ୍କ ଘରେ ଓଜନ କରି ଡେଲିଭରି ଦେବା କଥା । ମାତ୍ର ସଚେତନତା ଅଭାବରୁ ସେମାନେ ତାହା କରୁ ନାହାନ୍ତି । ଫଳରେ ଉପଭୋକ୍ତା ଠକାମୀର ଶିକାର ହେଉଛନ୍ତି । ପେଟ୍ରୋଲ ପମ୍ପରେ କମ୍ ପେଟ୍ରୋଲ ମିଳିବା ନେଇ ବୈଧ ଓଜନ ଓ ମାପ କାର୍ଯ୍ୟାଳୟ ୱେଟ ଆଣ୍ଡ ମେଜର ର ବିଭାଗୀୟ ଅଧିକାରୀ ଏବଂ ଏଲପିଜି ସିଲିଣ୍ଡର ସମସ୍ୟାକୁ ନେଇ ଜିଲା ଯୋଗାଣ ଅଧିକାରି ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

## ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଭଦ୍ରକ,୨୮/୬(ନି/ପ୍ର): ଦେଶର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ବ୍ୟବସ୍ଥାର ଶୋଷଣ ନୀତିକୁ ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭଦ୍ରକ ସହିଦ ସ୍ମୃତି ଭବନରେ ଛାତ୍ରୋଁ କି ଗୁଞ୍ଜ କାର୍ଯ୍ୟକ୍ରମ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ରଜନୀ କାନ୍ତ ମହାନ୍ତି, ସୁଧାଂଶୁ ଶେଖର ଦେଓ,ଯୋଗଦେଇ ଦିନକୁ ଦିନ ଦେଶ ଓ ରାଜ୍ୟରେ ଚାଲୁଥିବା ଡବଲ ଇଞ୍ଜିନି ସରକାର ଦେଶ ଓ ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ବାରମ୍ବାର କୁଠାରଘାତ କରିବା ସହ ଦେଶର ଛାତ୍ର/ ଛାତ୍ରୀ ମାନଙ୍କ ଭବିଷ୍ୟତକୁ ନଷ୍ଟ କରିଚାଲିଛନ୍ତି ବୋଲି ଶ୍ରୀ ମହାନ୍ତି ସାମ୍ବାଦିକ ସମ୍ମିଳନୀ ରେ ମତ ପ୍ରକାଶ କରିଛନ୍ତି । ଏଥି ନେଇ କୋଟାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଛାତ୍ର/ ଛାତ୍ରୀ ମାନଙ୍କ ଦ୍ୱାରା ଆହୁତ ସମାବେଶ ରେ ଦେଶର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଓ ଶୋଷଣ ନୀତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରି ସମସ୍ୟା ସମାଧାନ ପାଇଁ ଛାତ୍ର ଛାତ୍ରୀ ମାନେ ପ୍ରତିବାଦର ସ୍ୱର ଉଠାଇ ବାକୁ ଆହ୍ୱାନ ଦେଇଥିଲେ । ସେହିପରି ନିଟ ପେପର ଲିକ ଘଟଣାକୁ ଦୃଢ ନିନ୍ଦା କରି ଦେଶର ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସର ମୁଖପାତ୍ର ଶ୍ରୀମହାନ୍ତି ତୀବ୍ର ସମାଲୋଚନା କରିଥିଲେ । ପରେ କୋଟାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଛାତ୍ର/ ଛାତ୍ରୀ ମାନଙ୍କ ଉଦେଶ୍ୟରେ ଦେଇଥିବା ବକ୍ତବ୍ୟର ଏକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା କ୍ଷକ୍ଷ ଆୟୋଜିତ'ଛାତ୍ରୋ କି ଗୁଞ୍ଜ'ସଚେତନତା କାର୍ଯ୍ୟକ୍ରମରେ ସୁଧାଂଶୁ ଶେଖର ଦେଓ,ପୂର୍ବତନ ଛାତ୍ର ନେତା ଦେବରୂପ ମହାନ୍ତି, ଜିଲ୍ଲା କଂଗ୍ରେସ ମୁଖପାତ୍ର ତଥା ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଜିଲ୍ଲା କଂଗ୍ରେସ ଉପସଭାପତି ପଦ୍ମୁନ ଦାସ ପ୍ରମୁଖ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ରାଜ୍ୟ ଓ କେନ୍ଦ୍ରଓ ସରକାରଙ୍କ ଶିକ୍ଷା ମାରଣ ଓ ଶୋଷଣ ନୀତି କୁ ତୀବ୍ର ସମାଲୋଚନା କରି ସରକାରଙ୍କ ଇସ୍ତଫା ଦାବୀ କରିଥିଲେ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସବିତା ଚାନ୍ଦ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସ୍ୱସ୍ତିକା ପଣ୍ଡା,ଜିଲ୍ଲା ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ଅଭିଷେକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଛାତ୍ର ସଭାପତି ସାହିଲ କାଦ୍ରି, ଭଣ୍ଡାରୀ ପୋଖରୀ ଯୁବସଭାପତି ସାଦ ସିଦ୍ଦିକ, ଚାନ୍ଦବାଲି ଯୁବକଂଗ୍ରେସ ସଭାପତି ଶକ୍ତିକାନ୍ତ ବିଶ୍ୱାଳ,ବାସୁଦେବ ପୁର ଯୁବ କଂଗ୍ରେସ ସଭାପତି ସିଦ୍ଧାର୍ଥ ଦାସ, ଧାମନଗର ଯୁବ ସଭାପତି ଆଲୋକ ଦାସ, ଯୁବନେତା ଇଲିଆସ ଅଲି ଖାଁ,, ବ୍ଲକ ସଭାପତି ସର୍ବଶ୍ରୀ ଅଜୟ ସାହୁ, ସୁବାଶିଷ ମଲ୍ଲିକ, ଅରବିନ୍ଦ ନାୟକ,ଜିଲ୍ଲା ଦଳିତ ସେଲ ସଭାପତି ବିଦ୍ୟାଧର ଜେନା ପୀତବାସ ଧଳ,ଦେବବ୍ରତ ମହାନ୍ତି,ଗୋଲକ ବେହେରା,ହରିହର ମଣ୍ଡଳ, ରଞ୍ଜନ ଜେନା,ବିଜୟ ବାରିକ ,ରାଜକିଶୋର ପଣ୍ଡା,ମନୋଜ ମଲ୍ଲିକ, ଶଶୀ କାନ୍ତ ଜେନା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭ଗୋଟି ବ୍ଲକରୁ ୫ଶହରୁ ଉର୍ଦ୍ଧ ଛାତ୍ର/ଛାତ୍ରୀ ଯୁବକ ଓ ଦଳୀୟ କର୍ମକର୍ତା ମାନେ ଯୋଗ ଦେଇଥିଲେ।

## ପୁଲିସ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ; ୨ଡ଼ିଏସପିଙ୍କ ସମେତ ୩ ଗୁରୁତର



ବୈଶିଙ୍ଗା,୨୮/୬(ନି/ପ୍ର): ବାଲେଶ୍ୱର ଜିଲ୍ଲା୧୬ ନମ୍ବର ଜାତୀୟ ରାଜପଥର ନୂଆଗାଁ ନିକଟରେ ପୁଲିସର ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭଦ୍ରକରୁ ଡ୍ୟୁଟି ସାରି ବାରିପଦା ଫେରୁଥିବା ବେଳେ ପୁଲିସର ଗାଡ଼ି ଦୁର୍ଘଟଣାର ସାମ୍ନା କରିଛି। ଦୁର୍ଘଟଣାର ସାମ୍ନା କଲା ପରେ ୨ ଜଣ ଡିଏସ୍‌ପି ଏବଂ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତିମାନେ ହେଲେ ବାରିପଦା ଏଚଆରପିଏସ ଡ଼ିଏସପି ପାସ୍କେଲ ଏକ୍କା, କ୍ରାଇମ ଡ଼ିଏସପି ନିରୁପମା ମଲ୍ଲିକ ଓ ଚାଳକ ବାଦଲ ପ୍ରଧାନ। ସୂଚନା ଅନୁଯାୟୀ ମୟୂରଭଞ୍ଜ ବାରିପଦାରେ କାର୍ଯ୍ୟରତ ଏଚଆରପିଏସ ଡ଼ିଏସପି ପାସ୍କେଲ ଏକ୍କା ଓ କ୍ରାଇମ ଡ଼ିଏସପି ନିରୁପମା ମଲ୍ଲିକ ଭଦ୍ରକରେ ମହରମ ଡ୍ୟୁଟିରେ ଯାଇଥିବାବେଳେ ଆଜି ବାରିପଦା ଫେରୁଥିଲେ। ଅପରାହ୍ଣରେ ତାଙ୍କର ଭ୍ୟାନ୍‌ବାଲେଶ୍ୱର ଜିଲ୍ଲା ୧୬ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛିକ୍ଷ କୌଣସି କାରଣ ବଶତଃ ଭ୍ୟାନଟି ଏକ କଣ୍ଟେନର ପଛରେ ଶକ୍ତ ଧକ୍କା ଦେଇଥିଲା । ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ସ୍ଥାନୀୟ ଲୋକ ୨ଡ଼ିଏସପିଙ୍କ ସମେତ ଚାଳକ ବାଦଲ ପ୍ରଧାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେମୁଣା ମେଡିକାଲ କଲେଜରେ ଭର୍ତି କରିଛନ୍ତି। ବାଲେଶ୍ୱର ଶିଳ୍ପାଂଚଳ ପୁଲିସ ଘଟଣାସ୍ଥଳରେ ପହଚିଁ ତଦନ୍ତ ଜାରି ରଖିଛିକ୍ଷ ତେବେ ଚାଳକ ବାଦଲଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବା ଜଣାଯାଇଛିକ୍ଷ ବାରିପଦାରୁ ଅତିରିକ୍ତ ଏସପିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ରେମୁଣା ମେଡିକାଲ କଲେଜରେ ପହଚିଁ ସ୍ଥିତି ଅନୁଧ୍ୟାନ କରୁଛନ୍ତି।




# ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ଦେବସ୍ନାନ ପୂର୍ଣ୍ଣିମାର ନୀତି ନିର୍ଘଂଟ



ରାଉରକେଲା,୨୮/୬(ନି/ପ୍ର): ସହର ସର୍ବ ପ୍ରାଚୀନ ଦେବ ପୀଠ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପୁରୀ ଶ୍ରୀମନ୍ଦିର ର ଯଥା ସମ୍ଭବ ନୀତିକାନ୍ତୀ ଅନୁସରଣ କରି ପୂଜାର୍ଚ୍ଚନା କରାଯାଇଥାଏ। ଅହିରାବନ୍ଧ ଜଗନ୍ନାଥ ମନ୍ଦିର ର ଦେବସ୍ନାନ ପୂର୍ଣ୍ଣିମା ପାଇଁ ନୀତି ନିର୍ଘଂଟ ସ୍ଥିରୀକୃତ ହୋଇଛି। ମହାପ୍ରଭୁ ଭକ୍ତଙ୍କ ସମ୍ମୁଖରେ ୧୦୮ ଗରା ସୁବାଷିତ ଜଳ ରେ ସ୍ନାନ କରି ଗଜାନନ ବେଶ ରେ ଦର୍ଶନ ଦେବେ। ଭକ୍ତ ମାନଙ୍କ ଶାନ୍ତି ଓ ଶୃଙ୍ଖଳ ଦର୍ଶନ ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ର ପ୍ରସ୍ତୁତି କରାଯାଇଛି। ଆଜି ଠାରୁ ଦଇତାପତି ମାନେ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ରେ ସେନାପଟା ଲାଗି ପାଇଁ ପ୍ରବେଶ କରିଛନ୍ତି । ଆଜି ରାତିରେ ପହଡ଼ ପରେ ଚକାଛାଡ ନୀତି ଆରମ୍ଭ ହେବ ଯେଉଁଥିରେ ମହାପ୍ରଭୁ ରତ୍ନବେଦୀ ରୁ ଓହ୍ଲାଇ ନାଟମଣ୍ଡପ କୁ ଆସିବେ। ଆସନ୍ତାକାଲି ଦେବସ୍ନାନ ନୀତି ନିର୍ଘଂଟ ଅନୁସାରେ ପାଳନ ହେବ।ଭୋର୍ ସାଢ଼େ ଚାରିଟା ରେ ମଙ୍ଗଳାର୍ପଣ, ଭୋର୍ ୫ ଟା ରୁ ୭ ଟା ମଧ୍ୟରେ ଡୋରଲାଗି ପହଣ୍ଡି, ସକାଳ ୯ଟା ରେ ସ୍ନାନ ମଣ୍ଡପରେ ମଙ୍ଗଳ ଆଳତି ସହ ଦିବା ୧୧ଟା ରେ ଛେରାପହଁରା ଜଳ ବିଜେ, ପୂଜା, ସ୍ନାନ ଆଦି ନୀତି ସମ୍ପନ୍ନ ହେବ। ଅପରାହ୍ନ ୪ଟା ରୁ ୫ ଟା ହାତୀ ବେଶ, ସାହାଣମେଲା ସଂଧ୍ୟା ୭ ଟାରୁ ରାତ୍ରି ସାଢ଼େ ୯ଟା, ହାତୀବେଶ ମଇଲମ ରାତ୍ରି ୧୦ ଘଟିକା, ପୁଷ୍ପାଞ୍ଜଳି ଓ ଡୋରଲାଗି ରାତ୍ରି ସାଢ଼େ ଦଶଟା ବାହୁଡ଼ା ପହଣ୍ଡି ରାତ୍ରି ୧୧ଟା ପରେ ଅନୁଷ୍ଠିତ ହେବ। ତେଣୁ ରାଉରକେଲା ର ସମସ୍ତ ଜଗନ୍ନାଥ ପ୍ରେମୀ, ଭକ୍ତ ବହୁ ସଂଖ୍ୟା ରେ ଆସି ମହାପ୍ରଭୁ ଙ୍କ ସ୍ନାନ ଓ ହାତୀ ବେଶ ଦର୍ଶନ ର ସୁଯୋଗ ନେବା କୁ ଶ୍ରୀ ଶ୍ରୀ ଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟର ସଭାପତି ଗିରିଜା ଶଙ୍କର ଦ୍ବିବେଦୀ ଅନୁରୋଧ କରିଛନ୍ତି।

# ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ



ରାଉରକେଲା,୨୮/୬ (ନି/ପ୍ର): ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆୟୋଜିତ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ୨୦୨୬ର ଶୁଭାରମ୍ଭ ରାଉରକେଲାର ଅତିରିକ୍ତ ଜିଲ୍ଲା ନଗର ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ଶ୍ରୀମନ୍ତ କୁମାର ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. କୁଶଳ ସିଂହ, ସମାଜସେବୀ ଶ୍ରୀ ବୈଲୋଚନ ସାହୁ, ଶ୍ରୀ ବାଦଲ ସାହୁ ଏବଂ ଶ୍ରୀମତୀ ସସ୍ମିତା ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୋଲିଓର ଦୁଇ ବୁନ୍ଦ ଜୀବନରକ୍ଷାକାରୀ ଔଷଧ ପିଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ବର୍ଗର ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ସମସ୍ତ ଅଭିଭାବକଙ୍କୁ ଆହ୍ୱାନ କରାଯାଇଥିଲା ଯେ, ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ନିଶ୍ଚିତ ଭାବେ ପୋଲିଓର ଦୁଇ ବୁନ୍ଦ ଔଷଧ ପିଆଇ ପୋଲିଓମୁକ୍ତ ଭାରତ ଗଠନରେ ସହଯୋଗ କରନ୍ତୁ।

## ଜିଲ୍ଲାବ୍ୟାପୀ ୨୮ରୁ ୩୦ ଜୁନ୍ ପର୍ଯ୍ୟନ୍ତ ପଲ୍ସ ପୋଲିଓ ଅଭିଯାନ

କେନ୍ଦ୍ରାପଡ଼ା, ୨୮/୬(ନି/ପ୍ର):ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆସନ୍ତା ୨୮ରୁ ୩୦ ଜୁନ, ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ପଲ୍ସ ପୋଲିଓ ଅଭିଯାନ ଆୟୋଜିତ ହେବ। ଏହି ଅଭିଯାନରେ ଜିଲ୍ଲାର ଜନ୍ମରୁ ୫ ବର୍ଷ ବୟସର ମୋଟ ୧,୧୦,୬୪୩ଶିଶୁଙ୍କୁ ପୋଲିଓ ପ୍ରତିଷେଧକର ଦୁଇ ବୁନ୍ଦା ଔଷଧ ପିଆଯିବ। ଏହି ଅଭିଯାନର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟର, ଆଇଏଏସ୍‌ଙ୍କ ପୌରୋହିତ୍ୟରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର ପଲ୍ସ ପୋଲିଓ କାର୍ଯ୍ୟକ୍ରମର ବିସ୍ତୃତ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ।

# ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ ଓ ବାର୍ଷିକ ଉତ୍ସବ




ରାଉରକେଲା, ୨୮/୬(ନି/ପ୍ର): ନିଖିଳ ଭାରତ ବଙ୍ଗ ସାହିତ୍ୟ ସମ୍ମେଳନ ରାଉରକେଲା ଶାଖାର ୫୨ ତମ ବାର୍ଷିକ ଉତ୍ସବ ରବୀନ୍ଦ୍ର ନଜରୁଲ ସଂଧ୍ୟା ସିଭିକ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ମୈ ।ସୁମୀ ରାୟ ତପାଦାର ଓ ପଲ୍ଲବ ଚାଟାର୍ଜୀ ଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ରେ ମୁଖ୍ୟଅତିଥି ରୂପରେ ଯୋଗ ଦେଇଥିଲେ ଆରଏସପି ର ଇଡି ତରୁଣ ମିଶ୍ର , ସମ୍ମାନିତ ଅତିଥି ଭାବେ ପ୍ରଭାତୀ ମିଶ୍ର, ଇଡି.ପ୍ରୋଜେକ୍ଟ ସୁଦୀପ ପାଲ ଚୌଧୁରୀ ନବନୀତା ପାଲ ଚୌଧୁରୀ, ସମ୍ମେଳନର ଆଂଚଳିକ ସମିତି ସଚିବ ଆଶିଷ ଗୁପ୍ତ, ଆଂଚଳିକ କାର୍ଯ୍ୟକାରୀ ସଭାପତି ମନୋଜ ଶତପଥୀ, କେନ୍ଦ୍ରିୟ ମୁଖପାତ୍ର ତଥା ସମ୍ମେଳନୀ ସମ୍ପାଦକ ବିପୁଲ ଗୁପ୍ତା ଉପସ୍ଥିତ ଥିଲେ । ଶାଖାର ସଭାପତି ଦଲିପ କୁମାର ଭୂଇ ସ୍ୱାଗତ ଭାଷଣ ଓ ସମ୍ପାଦକ ସୁଚିସ୍ମିତା ବିଶ୍ୱାସ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶାଖାର ସାହିତ୍ୟ ବିଭାଗର ସମ୍ପାଦିକା ଅର୍ପିତା ଭଟ୍ଟାଚାର୍ଯ୍ୟଙ୍କ ସହଯୋଗରେ ମୁଖପତ୍ର "ଶଂଖ" ପତ୍ରିକା ଅତିଥି ମାନଙ୍କ ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଓ ବିଚାରକ ମଣ୍ଡଳୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବଙ୍ଗଳା ଓ ଓଡ଼ିଆ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମୋନାଲିସା ମିଶ୍ର, ଡ କୃପାସିନ୍ଧୁ ନାୟକ, ସୁଚିସ୍ମିତା ବିଶ୍ୱାସ, ଅର୍ପିତା ଭଟ୍ଟାଚାର୍ଯ୍ୟ, ପଲ୍ଲବ ଚାଟାର୍ଜୀ, ଶୈଳେନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟ ପ୍ରମୁଖ କବିତା ପାଠ କରିଥିଲେ। ମୌସୁମୀ ରାୟ ତପାଦାର କବିତା ପାଠ କାର୍ଯ୍ୟକ୍ରମ ର ସଂଯୋଜନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୁସ୍ମିତା ନସ୍କର ଙ୍କ ନିର୍ଦ୍ଦେଶନାରେ ରେ ଶିଶୁଶିଳ୍ପୀ ମାନଙ୍କ ଦ୍ୱାରା ପରିବେଶିତ "ଜଂଗଲ କଥା" ପରିବେଷଣ କରାଯାଇଥିଲା। ରବୀନ୍ଦ୍ରନାଥ ଠାକୁର ଏବଂ କାଜୀ ନଜରୁଲଙ୍କ ଉପରେ ଆଧାରିତ "ହୃଦୟେ ରବୀନ୍ଦ୍ରନାଥ ଚେତନାୟ ନଜରୁଲ", ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ସଂଗୀତ ପରିଚାଳନାରେ ସୁସ୍ମିତା ନସ୍କର, ଗ୍ରନ୍ଥନାରେ ଶର୍ମିଷ୍ଠା ବାନାର୍ଜୀ, ଏବଂ ନୃତ୍ୟ ନିର୍ଦ୍ଦେଶନାରେ ଜୟା ମୁନ୍ସି ଥିଲେ । ସଂଗୀତରେ ଅଂଶ ଗ୍ରହଣ କରିଥିଲେ ସୁସ୍ମିତା ନସ୍କର, ଶର୍ମିଷ୍ଠା ବାନାର୍ଜୀ, ଅନ୍ୱେଷା ସେନଗୁପ୍ତ, ଡ ଶମ୍ପା ମଜୁମଦାର, ସଂଯୁକ୍ତା ସେନ, ତମିଶ୍ରା ଭଟ୍ଟାଚାର୍ଯ୍ୟ, ଶୁକ୍ଲା ପାଲ, ଜୟା ମୁନ୍ସି , ଶର୍ବରୀ ବୋଷ, ରିମି ଚକ୍ରବର୍ତ୍ତୀ, ସୋମା ସେନ, ଉଷଭ ଗୁରଧାରୀ ଓ ପାପିୟା ମଜୁମଦାର। ନୃତ୍ୟ ପରିବେଷଣ କରିଥିଲେ, ଜୟା ମୁନ୍ସି ଧେୟରୂପା ରାୟ, ହୀଲମ ରାୟ, ଐଶିକା ବାନାର୍ଜୀ ଏବଂ ଦେବିକା ଘୋଷ ପ୍ରମୁଖ।

# ରାଉରକେଲା ପୋଲିସ୍ ପକ୍ଷରୁ ଗୋଲଘର ରାମେଶ୍ୱରପାଲିର ତୋଫାନ ବିନ୍ଧାଣୀ ହତ୍ୟା ଘଟଣାରେ ଆଉ ଜଣଙ୍କୁ ଗିରଫ



ରାଉରକେଲା,୨୮/୬ (ନି/ପ୍ର): ଗତ ୨୦୨୬ ଜୁନ୍ ୧୬ ତାରିଖ ଦିନ ସନ୍ଧ୍ୟା ୪ଟା ୧୦ ସମୟରେ, ରାଉରକେଲା ସେକ୍ଟର-୭ ଥାନା ଅଧିନସ୍ଥ ସେକ୍ଟର-୫ ଗୋଲଘର ରାମେଶ୍ୱରପାଲିର ଅନୁରାଗ ବିଶ୍ୱାଳଙ୍କ ପତ୍ନୀ ଚନ୍ଦ୍ରିକା ବିଶ୍ୱାଳ (୩୦)ଙ୍କ ଲିଖିତ ଅଭିଯୋଗ ଅନୁସାରେ ପଞ୍ଜିକୃତ ହୋଇଥିଲା। ୨୦୨୬ ଜୁନ୍ ୧୯ ତାରିଖରେ ମାମଲାର ତଦନ୍ତ ସମୟରେ ରାଉରକେଲା ସେକ୍ଟର-୭ ଥାନା ଅଧିନସ୍ଥ ସେକ୍ଟର-୫ ଗୋଲଘର ତେଲୁଗୁ ବସ୍ତିର ଅଭିଯୁକ୍ତ ରୋହିତ ହରିପ୍ପା (୨୫), ପ୍ଲାଂଟସାଇଟ୍ ଥାନା ଅଧିନସ୍ଥ ଟିମ୍ବର୍ କଲୋନୀ ଏବଂ ବର୍ତ୍ତମାନ ସେକ୍ଟର-୩ ଥାନା ଅଧିନସ୍ଥ ସେକ୍ଟର-୨ ଡି/୦୧ରେ ରହୁଥିବା ଅଭିଯୁକ୍ତ ରୋହିତ ମୁଖୀ ଓରଫ୍ ସାନା (୩୨)ବର୍ଷ ଏବଂ ରାଉରକେଲା ସେକ୍ଟର-୭ ଥାନା ଅଧିନସ୍ଥ ଭିଏସ୍ଏସ୍ ପାଲ୍ଲିର ଜନସନ ନାଗ (୨୫)ଙ୍କୁ ୧୨୬(୨)/୧୦୩(୧)/ ୧୦୯(୧)/୧୧୮(୧)// ୬୧(୨)/୩(୫)ବିଏନଏସ/ ୨୫/ ୨୭ ଆର୍ମସ ଆକ୍ଟ ଅନୁସାରେ ଗିରଫ କରାଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତ ସୁଶାନ୍ତ ଓରଫ୍ ଲଣ୍ଡା ନାୟକ ଏବଂ ଚୁନୁ ଓରଫ୍ ନାରାୟଣ ହରିପ୍ପା ଏବେ ଆର.ଜି.ଏଚ୍. ରାଉରକେଲାରେ ପୋଲିସ ହେପାଜତରେ ଚିକିତ୍ସାଧୀନ ଅଛନ୍ତି। ଆର.ଜି.ଏଚ୍. ରାଉରକେଲାରୁ ଡିସଚାର୍ଜ ହେବା ପରେ, ସେମାନଙ୍କୁ କୋର୍ଟକୁ ପଠାଯିବ। ପୋଲିସ ପକ୍ଷରୁ ମାମଲାର ତଦନ୍ତ ଜାରି ରଖି, ଆଜି ଅର୍ଥାତ୍ ୨୦୨୬ ଜୁନ୍ ୨୭ ତାରିଖରେ ମାମଲାର ସହ-ଅଭିଯୁକ୍ତ ବିଶୁ ଓରଫ୍ ଉମାକାନ୍ତ ହରିପ୍ପାଙ୍କୁ ଗିରଫ କରାଯାଇଛି ଏବଂ ସେହି ଦିନ କୋର୍ଟରେ ହାଜର କରାଯାଇଛି। ଆଜି ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ରାଉରକେଲା ସେକ୍ଟର-୭ ଅଧିନସ୍ଥ ନାରାୟଣ ପାଲ୍ଲି(ଲଙ୍କାଗଡ଼)ର ବିଶୁ ଓରଫ୍ ଉମାକାନ୍ତ ହରିପ୍ପା (୩୫)। ତାଙ୍କ ନିକଟରୁ ଗୋଟିଏ ଆକ୍ଟିଭା ସ୍କୁଟି ଯାହାର ପଞ୍ଜିକୃତ ନମ୍ବର ଓଡ଼ି-୧୪ଏର୍-୬୫୬୧। ଅଭିଯୁକ୍ତ ବ୍ୟକ୍ତିଙ୍କ ପୂର୍ବର କେସ୍ ରେକର୍ଡ ଯାଞ୍ଚ କରାଯାଉଛି ବୋଲି ରାଉରକେଲା ସେକ୍ଟର-୭ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସେକ୍ଟର-୭ ଥାନାର ମାମଲା ନଂ ନଂ. ୧୪୫ ତାରିଖ ୧୬/୬/୨୦୨୬ ଦଫା ୧୨୬(୨)/୧୦୩(୧)/ ୧୦୯(୧)/୧୧୮(୧)/୩(୫) ବିଏନ୍ଏସ୍ ୟୁ/ଏସ୍. ୧୨୬(୨)/ ୧୦୩(୧)/୧୦୯(୧)/ ୧୧୮(୧)//୬୧(୨)/୩(୫) ବିଏନ୍ଏସ/ ୨୫/୨୭ ଆର୍ମସ୍ ଆକ୍ଟକୁ ପରିବର୍ତ୍ତନ କରାଯାଇ ଗିରଫ ତଦନ୍ତ ଜାରି ରହିଛି ।

# ଭଦ୍ରକରେ ଦୁଇ ଦିନିଆ ଅଣ-କ୍ୟାଡର ସରକାରୀ ଓକିଲଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭଦ୍ରକ,୨୮/୬ (ନି/ପ୍ର): ଆଇନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲାର ଅଣ-କ୍ୟାଡର ସରକାରୀ ଓକିଲମାନଙ୍କ ପାଇଁ ଦୁଇ ଦିନିଆ ଇଣ୍ଡକ୍ସନ ଓ ରିଫ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଚରିଘରିଆସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ଭଦ୍ରକ ଜିଲ୍ଲାର ସମସ୍ତ ଅଣ-କ୍ୟାଡର ସରକାରୀ ଓକିଲମାନେ ଅଂଶଗ୍ରହଣ କରି ନୂତନ ଅପରାଧିକ ଆଇନ ଓ ନ୍ୟାୟିକ ପ୍ରକ୍ରିୟା ସମ୍ପର୍କରେ ଉନ୍ନତ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ଉଦ୍‌ଘାଟନୀ ଅଧିବେଶନରେ ଭଦ୍ରକ ଜିଲ୍ଲା ଓ ଦୌରା ଜଜ୍ ଲଳିତେନ୍ଦୁ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡଃ ଦିଲୀପ ରାଉତରାୟ ଏବଂ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ନ୍ୟାୟିକ) କାର୍ତ୍ତିକନାଥ ମଣ୍ଡଳ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ଦୀପ ପ୍ରଜ୍ୱଳନ ଓ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପ୍ରଥମ ଦିନର ପ୍ରଶିକ୍ଷଣରେ ନୂତନ ଅପରାଧିକ ଆଇନ ଅନୁଯାୟୀ ଗିରଫ ଓ ରିମାଣ୍ଡ ପ୍ରକ୍ରିୟା, ବିଏନ୍ଏସ୍ଏସ୍ ଅନୁଯାୟୀ ପ୍ରସିକ୍ୟୁସନର ଭୂମିକା, ପୁରୁଣା ଓ ନୂତନ ଅପରାଧିକ ଆଇନର ତୁଳନାତ୍ମକ ବିଶ୍ଳେଷଣ, ମେଡିକାଲ୍ ଦସ୍ତାବେଜର ବୁଝାମଣା ଏବଂ ସାକ୍ଷୀ ମଂଚରେ ମେଡିକାଲ୍ ବିଶେଷଜ୍ଞଙ୍କ ସାକ୍ଷ୍ୟ ଉପସ୍ଥାପନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଶେଷଜ୍ଞମାନେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ସରକାରୀ ମାମଲାର ଦକ୍ଷ ପରିଚାଳନା, ବୃତିଗତ ନୈତିକତା, ନୂତନ ଆଇନର ପ୍ରୟୋଗ ଓ ମାମଲା ପରିଚାଳନା କୌଶଳ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅତିଥି ଓ ବକ୍ତାମାନେ କହିଥିଲେ ଯେ, ସମୟୋପଯୋଗୀ ପ୍ରଶିକ୍ଷଣ ମାଧ୍ୟମରେ ସରକାରୀ ଓକିଲମାନଙ୍କ ବୃତିଗତ ଦକ୍ଷତା, ଆଇନଗତ ଜ୍ଞାନ ଓ ନ୍ୟାୟିକ କାର୍ଯ୍ୟଦକ୍ଷତା ଅଧିକ ସୁଦୃଢ଼ ହେବ। ଏହା ସରକାରୀ ମାମଲାର ସଫଳ ପରିଚାଳନା ସହ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ପ୍ରଭାବଶାଳୀ କରିବାରେ ସହାୟକ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସୂଚନାନୁସାରେ, ଦୁଇ ଦିନିଆ ଏହି ଇଣ୍ଡକ୍ସନ ଓ ରିଫ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୮ ଜୁନ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ କ୍ଷେତ୍ରର ବରିଷ୍ଠ ବିଚାରପତି, ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ ଓ ଆଇନ ବିଶେଷଜ୍ଞମାନେ ଏଥିରେ ସମ୍ମିଳିତ ହୋଇ ସରକାରୀ ଓକିଲମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବେ।

# ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ତାଜିଆ ଶୋଭାଯାତ୍ରା

ଧର୍ମଶାଳା,୨୮/୬: ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ମହରମ ଅବସରରେ ତାଜିଆ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି । ଏହି କ୍ରମରେ ଆଜି ଯାଜପୁର ଜିଲା ଧର୍ମଶାଳା,ରସୁଲପୁ. ବଡଚଣା ଓ ବରୀ ବ୍ଲକର ବିଭିନ୍ନ ସ୍ଥାନ ମାନଙ୍କରେ ଚଳଚଂଚଳ ହୋଇ ଉଠିଥିବା ଦେଖିବାକୁ ମିଳିଥିଲା । ବିଶେଷ କରି ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ ଆନନ୍ଦ ଉଲ୍ଲାସର ସହ ତାଜିଆ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଅପରାହ୍ନରେ ଏହି ବ୍ଲକ ବ୍ରହ୍ମବରଦା ଓ ମହେଶ୍ୱରପୁର ପଂଚାୟତରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଭାଇଭଉଣୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳି ଥିଲା । ମହମ୍ମଦଙ୍କ ନାତି ହସନ ହୋସେନ ମୁସଲିମ ଧର୍ମ ପ୍ରଚାର କରି ଏହି ଦିନରେ ସହିଦ ହୋଇଥିଲେ । ଆଜିର ଦିନକୁ ସ୍ମରଣ କରି ତାଜିଆ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ । ଆଜି ଏହି ଦୁଇ ପଂଚାୟତର ଆଜାଦ

# କେମିକାଲ ପ୍ଲାଂଟରେ ଅଗ୍ନିକାଣ୍ଡ ଜାଳିଗଲା ସମ୍ପୂର୍ଣ୍ଣ ପ୍ଲାଂଟ

ରାଜଗାଙ୍ଗପୁର,୨୮/୬(ନି/ପ୍ର): ରାଜଗାଙ୍ଗପୁର ଲମଲୋଇ ସ୍ଥିତ ଶ୍ୟାମ କେମିକାଲ ପ୍ଲାଂଟରେ ଅଗ୍ନୀ କାଣ୍ଡ ଯାହାକି ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇ ଯାଇଛି ଗଛିତ ଲକ୍ଷାଧିକ ମୂଲ୍ୟର କେମିକାଲ ଆଜି ଦିନ ୧୦ଟା ସମୟରେ ପ୍ଲାଂଟ ଭିତରେ ଫିନାଇଲ ଏବଂ ଏସିଡ ନିର୍ମାଣ କରିବା ସମୟରେ ହଟାତ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ଘଟଣାର କିଛି ସମୟ ଭିତରେ ଡାଲମିଆ ସିମେଂଟ ଭାରତ କମ୍ପାନୀର ଦମକଳ ବାହିନୀ ପହଚିଂ ଅଗ୍ନୀ କୁ ନିୟନ୍ତ୍ରଣ କରିବା ବେଳେ ସରକାରୀ ଦମକଳ ବାହିନୀ ଏବଂ ରାଜଗାଙ୍ଗପୁର ପୋଲିସ ପହଚିଂ ଅଗ୍ନିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ କରୁଥିବା ବେଳେ ଅଗ୍ନିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ୬ ଘଟାଂ ପରିଶ୍ରମ କରିବାକୁ ପଡିଥିଲା । ପୋଲିସ କାରଖାନାର ସପୂର୍ଣ୍ଣ କାଗଜପତ୍ର ଯାଚଂ କରିବାକୁ ଚେଷ୍ଟା କରୁଥିବା ଜଣା ଯାଇଛି । ଏହି ଅଗ୍ନୀ କାଣ୍ଡ ରେ ଜନଜୀବନ ସୁରକ୍ଷିତ ଥିବା ଜଣାଯାଇଛି ।



# ସେଲ୍ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକଙ୍କ ଦ୍ୱାରା ଜେଜିଓଏମ୍ ଏବଂ ଓଜିଓଏମ୍‌ର ଖଣି କାର୍ଯ୍ୟକଳାପର ସମୀକ୍ଷା



ରାଉରକେଲା,୨୮/୬ (ନି/ପ୍ର):ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏ. କେ. ପଣ୍ଡା ଜୁନ୍ ୨୬ ତାରିଖରେ କମ୍ପାନୀର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଏବଂ ଝାଡ଼ଖଣ୍ଡ ଗ୍ରୁପ୍ ଅଫ୍ ମାଇନ୍ସ ପରିଦର୍ଶନ କରି ଖଣି କାର୍ଯ୍ୟକଳାପର ସମୀକ୍ଷା କରିଥିଲେ, କର୍ମଚାରୀମାନଙ୍କ ସହ ଆଲୋଚନା କରିବା ସହ ସେ ସେଲ୍‌ର କ୍ୟାପ୍ଟିଭ୍ ଖଣିଗୁଡ଼ିକର ଆଗାମୀ ରୋଡମ୍ୟାପ୍‌ର ମୂଲ୍ୟାଙ୍କନ କରିଥିଲେ । ଏହି ପରିଦର୍ଶନ ସମୟରେ ଡକ୍ଟର ପଣ୍ଡା, ବରଷୁଆଁ, ତାଲଡିହ, କାଲଟା, ବଲାଣି, ଗୁଆ, କିରିବୁରୁ ଏବଂ ମେଘାହାତୁବୁରୁ ଲୁହାପଥର ଖଣିଗୁଡ଼ିକର କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ସେଠାରେ ସେ କର୍ମଚାରୀମାନଙ୍କ ନିଷ୍ଠାକୁ ପ୍ରଶଂସା କରିବା ସହ ସମସ୍ତ ଖଣି କାର୍ଯ୍ୟକଳାପରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ସିଏମଡି କିରିବୁରୁ ସ୍ଥିତ ଲର୍ଣ୍ଣିଂ ଆଣ୍ଡ ଡେଭଲପମେଂଟ ସେଂଟରଠାରେ ଜେଜିଓଏମ୍ ଏବଂ ଓଜିଓଏମ୍‌ର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନା ମୁଖ୍ୟତଃ

## ସୁରକ୍ଷା ଏବଂ ପ୍ରଗତି ଉପରେ ଗୁରୁତ୍ୱାରୋପ

ସୁରକ୍ଷା, ଉତ୍ପାଦନ ବୃଦ୍ଧି, ଖଣିର ବିକାଶ, ପ୍ରକଳ୍ପ କାର୍ଯ୍ୟକାରିତା, ଡିଜିଟାଲ୍ ରୂପାନ୍ତରଣ ଏବଂ କାର୍ଯ୍ୟ ଉତ୍କର୍ଷତା ଉପରେ କେନ୍ଦ୍ରୀଭୂତ ଥିଲା। ଏ ଅବସର ରେ ଡକ୍ଟର ପଣ୍ଡା ୨୦୩୦-୩୧ ସୁଦ୍ଧା ୩୫ ମିଲିୟନ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ହାସଲ କରିବା ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ଦୋହରାଇଥିଲେ, ଯାହା ଘରୋଇ ବଜାରର ଆବଶ୍ୟକତା ପୂରଣ ସହିତ ଉତ୍ପାଦନ ସ୍ତରକୁ ସହାୟତା କରିବା ପାଇଁ କ୍ୟାପ୍ଟିଭ୍ ଖଣିଗୁଡ଼ିକରୁ ବାର୍ଷିକ ୧୦୦ ମିଲିୟନ ଟନ୍ ଲୁହାପଥର ଉତ୍ପାଦନ ଦ୍ୱାରା ସମ୍ଭବ ହୋଇ ପାରିବ । ସେ ଗୁରୁତ୍ୱ ଦେଇ କହିଥିଲେ ଯେ କଟାଂମାଲର ସୁରକ୍ଷା, ମୂଲ୍ୟ ପ୍ରତିଯୋଗିତା ଏବଂ ସେଲ୍‌ର ଦୀର୍ଘକାଳୀନ ପ୍ରଗତି ପାଇଁ ଏକ ସୁଦୃଢ଼ ଖଣି କାର୍ଯ୍ୟକଳାପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଲାଭ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିବା ପାଇଁ ସେଲ୍‌ର ଲକ୍ଷ୍ୟ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଦକ୍ଷ ଖଣି ପରିଚାଳନା, ସମ୍ପଦର ସର୍ବୋତମ ବ୍ୟବହାର ଏବଂ ଲୁହାପଥର ଉତ୍ପାଦନରେ ବୃଦ୍ଧି ଏହି ଲକ୍ଷ୍ୟ ପୂରଣ ଦିଗରେ ବିଶେଷ ସହାୟକ ହେବ। ଉତ୍ପାଦନ କ୍ଷମତା, ସୁରକ୍ଷା ଏବଂ ସ୍ଥାୟୀ ଖଣି ପଦ୍ଧତିକୁ ବୃଦ୍ଧି କରିବା ପାଇଁ ସେ ଏଆଇ ସମେତ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ପରିଦର୍ଶନ, ସୁରକ୍ଷିତ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ସ୍ଥାୟୀ ଖଣି କାର୍ଯ୍ୟକଳାପର ବିକାଶ ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରିଛି, ଯାହା କମ୍ପାନୀର ସମ୍ପ୍ରସାରଣ ଯୋଜନାକୁ ସମର୍ଥନ କରି , ଆତ୍ମନିର୍ଭର ଭାରତର ପରିକଳ୍ପନାରେ ଅବଦାନ ରଖିବ।